


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୧ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 21 NOVEMBER 2020
Vol.No. 30 ■ No. 294 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କରୋନା କଟକଣା ମଧ୍ୟରେ ଆରମ୍ଭ ହେଲା ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ

### ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ ୧୧ ହଜାର ୨ ଶହ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପିତ



ଭୁବନେଶ୍ୱର,୨୦।୧୧ (ନି.ପ୍ର): ନଭେମ୍ବର - ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଶୋକ ପ୍ରସ୍ତାବ ଆଲୋଚନାରୁ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିବଙ୍ଗତ ପୂର୍ବତନ ବାଚସ୍ପତି ଶରତ କୁମାର କର, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ଗୁରୁପଦ ନନ୍ଦ, ପୂର୍ବତନ ବିଧାୟକ କାର୍ତ୍ତିକେଶ୍ୱର ପାତ୍ର ଓ ରାଜ୍ୟରେ କରୋନା ସଂକ୍ରମଣ ଭଳି କଠିନ ପରିସ୍ଥିତିର ମୁକାବିଲା ସମୟରେ ରାଜ୍ୟବାସୀଙ୍କ ସେବାରେ ନିୟୋଜିତ ହୋଇ ପ୍ରାଣବଳୀ ଦେଇଥିବା ସମସ୍ତ କରୋନା ଯୋଦ୍ଧା ମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକ ପ୍ରସ୍ତାବ ଆଗତ ହେବା ପରେ ଏକ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା । ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ଏହି ଶୋକ ପ୍ରସ୍ତାବ ଆଲୋଚନାରେ ମୁଖ୍ୟମନ୍ତ୍ରୀ ଆଣିଥିବା ପ୍ରସ୍ତାବକୁ ବିରୋଧୀ ଦଳର ନେତା ପ୍ରଦୀପ୍ତ କୁମାର ନାୟକ, କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଓ ସିପିଏମର ବିଧାୟକ ଲକ୍ଷ୍ମଣ ମୁଣ୍ଡା ସମର୍ଥନ କରିଥିଲେ । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରି ଦିବଙ୍ଗତ ସଦସ୍ୟ ମାନଙ୍କର ରାଜନୈତିକ, ସାମାଜିକ ଜୀବନ ସମେତ ସେମାନଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ । ୨୩ ମିନିଟ ଧରି ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଶୋକ ପ୍ରସ୍ତାବ ଗୃହୀତ ହେବା ପରେ ଏହାକୁ ସେମାନଙ୍କର ପରିବାର ନିକଟକୁ ପଠାଇ ଦିଆ ଯିବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଘୋଷଣା କରିଥିଲେ । ଏହା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ରଖିଥିଲେ । ଏଥି ପୂର୍ବରୁ ସେ ଘୋଷଣା କରି କହିଥିଲେ ଯେ ଗୃହର ପରମ୍ପରା ଅନୁଯାୟୀ ଯଦି ପୂର୍ବତନ ବାଚସ୍ପତିଙ୍କର ଦେହାନ୍ତ ହୋଇଥାଏ ତେବେ ତାଙ୍କର ଆତ୍ମାର ସଦଗତି ନିମନ୍ତେ ଗୃହର ଶୋକ ପ୍ରସ୍ତାବ ପରେ ସେଦିନର କାର୍ଯ୍ୟସୂଚୀରେ ସ୍ଥାନିତ ସମସ୍ତ କାର୍ଯ୍ୟକ୍ରମ ନିଆ ନ ଯାଇ ଗୃହର କାର୍ଯ୍ୟ ତା ପର ଦିନ ଯାଏ ମୁଲତବୀ ରଖା ଯାଇଥାଏ । କିନ୍ତୁ ଚଳିତ ଅଧିବେଶନର କାର୍ଯ୍ୟକ୍ରମ

▶▶ପୃଷ୍ଠା ୭

## ଆଜିଠୁ ରାଜସ୍ଥାନରେ ୧୪୪ ଧାରା

ଜୟପୁର,୨୦।୧୧ (ନି.ପ୍ର): ରାଜସ୍ଥାନରେ କରୋନା ସଂକ୍ରମଣର ବୃଦ୍ଧି ପାଉଥିବା ବେଳେ ଗେହଲୋଟ୍ ସରକାର ଏକ ବଡ଼ ନିଷ୍ପତି ନେଇଛନ୍ତି । ନଭେମ୍ବର ୨୧ ରୁ ସେକ୍ସନ୍ - ୧୪୪ ଲାଗୁ କରିବାକୁ ରାଜ୍ୟ ସରକାର ସମସ୍ତ ଜିଲ୍ଲାଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୃହ ସଚିବ ଏନ୍.ଏଲ୍ ମୀନା ଏକ ନିର୍ଦ୍ଦେଶ ଜାରି କରି ସମସ୍ତ ଜିଲ୍ଲାରେ ଧାରା ୧୪୪ ଲାଗୁ କରାଯିବା ଏବଂ ଏହାକୁ କଡାକଡି ଭାବରେ ପାଳନ କରିବାକୁ କହିଛନ୍ତି । ୧୪୪ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏକ ବିଜ୍ଞପ୍ତି ଜାରି କରାଯାଇଛି । ୧୪୪ ଧାରା ଲାଗୁ ହେବା ପରେ ସମ୍ପୃକ୍ତ ଅଂଚଳରେ ୪ କିମ୍ବା ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ । ସେହି ଅଂଚଳରେ ପୋଲିସ ଏବଂ ସୁରକ୍ଷା ବାହିନୀ ବ୍ୟତୀତ ଅନ୍ୟ କାହାକୁ ଅସ୍ତ୍ରଶସ୍ତ୍ର ଆଣିବା ଏବଂ ପରିବହନ ଉପରେ ନିଷେଧାଦେଶ ଲାଗୁ ହେବ । ଘରୁ ବାହାରକୁ ଯାଉଥିବା ଲୋକଙ୍କ ଉପରେ ଏକ ପ୍ରତିବନ୍ଧକ ସହ ପରିବହନ ମାଧ୍ୟମ ଉପରେ ପ୍ରତିବନ୍ଧକ ଲାଗିବ । ଉଲ୍ଲେଖ୍ୟଯୋଗ୍ୟ ପାର୍ବଣ ଋତୁ ପରେ ରାଜ୍ୟରେ କରୋନା ମାମଲା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ରାଜସ୍ଥାନରେ ବଢୁଥିବା ମାମଲାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି । ଏହାପୂର୍ବରୁ ଗୁରୁବାର ଦିନ ରାଜସ୍ଥାନର ଅଶୋକ ଗେହଲୋଟ୍ ସରକାର ବିନା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ପାସ୍ ନକରିବାକୁ ନିଷ୍ପତି ନେଇଛନ୍ତି ।

## ବାୟୁ ପ୍ରଦୂଷଣ ପାଇଁ ଦିଲ୍ଲୀ ଛାଡିବେ ସୋନିଆ ଗାନ୍ଧି



ନୂଆଦିଲ୍ଲୀ,୨୦।୧୧ (ନି.ପ୍ର): ଦୀପାବଳି ପରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ବହୁଗୁଣା ବୃଦ୍ଧି ପାଇଛି । ଏଥିପାଇଁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି ଦିଲ୍ଲୀ ଛାଡ଼ିବେ ବୋଲି ଜଣା ପଡ଼ିଛି । ତାଙ୍କର ଦୀର୍ଘ ଦିନ ଧରି ଛାତିରେ ସଂକ୍ରମଣର ସମସ୍ୟା ଥିବାରୁ ଦିଲ୍ଲୀ ଠାରୁ ଦୂରରେ ରହିବାପାଇଁ ତାଙ୍କୁ ଡାକ୍ତର ପରାମର୍ଶ ଦେଇଛନ୍ତି । ସେ କିଛି ଦିନ ପାଇଁ ଗୋଆ କିମ୍ବା ଚେନ୍ନାଇରେ ଯାଇପାରନ୍ତି । ସୋନିଆ ଗାନ୍ଧି ଆଜି ଦିଲ୍ଲୀ ଛାଡ଼ିବାର ସମ୍ଭାବନା ରହିଛି ଏବଂ ରାହୁଲ ଗାନ୍ଧି କିମ୍ବା ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ସହିତ

▶▶ପୃଷ୍ଠା ୭

## ଓଡିଶାର ୫ଟି ବ୍ଲକ ପାଇଁ ଅଏଲ ଇଣ୍ଡିଆର ସେସମିକ୍ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ

### ରାଜ୍ୟର ୮ଟି ଜିଲ୍ଲାରେ ଅଏଲ ଇଣ୍ଡିଆ ଦ୍ୱାରା ହେବ ତୈଳ ଓ ଗ୍ୟାସର ସନ୍ଧାନ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୦।୧୧ (ନି.ପ୍ର): ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପୁରୀ ଜିଲ୍ଲା କାକଟପୁର ସ୍ଥିତ ମହାନଦୀ ଅବବାହିକା ଓ ପାର୍ଶ୍ୱବର୍ତୀ ଅଂଚଳରେ ଓପନ ଏକ୍ରେଜ୍ ଲାଇସେନ୍ସିଂ ପଲିସି (ଓଏଏଲପି) ଅଧୀନରେ ତୈଳ ଓ ଗ୍ୟାସର ସନ୍ଧାନ ପାଇଁ ରାଜ୍ୟର ୫ଟି ବ୍ଲକ ଅର୍ଥାତ୍ ୮ଟି ଜିଲ୍ଲାରେ ଅଏଲ ଇଣ୍ଡିଆ ଲିମିଟେଡର ସେସମିକ୍ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି ଯେ ଭାରତ ସରକାରଙ୍କ ତୈଳ କମ୍ପାନୀ ଅଏଲ ଇଣ୍ଡିଆ ଲିମିଟେଡ୍ ମହାନଦୀ ଅବବାହିକାରେ ୫ଟି ବ୍ଲକ ଅର୍ଥାତ୍ ରାଜ୍ୟର ୮ଟି ଜିଲ୍ଲା ଯଥା ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲାରେ ସେସମିକ୍ ସର୍ଭେରେ ୨୨୦ କୋଟି ଟଙ୍କା ସମେତ ୧୨୪୮ କୋଟି ଟଙ୍କା ନିବେଶରେ ବ୍ୟାପକ ଅନ୍ୱେଷଣ ଡ୍ରିଲିଂ ଅଭିଯାନକୁ ଅଗ୍ରସର କରାଯିବ । ଅଏଲ ଇଣ୍ଡିଆ ଲିମିଟେଡ୍ ଓଏଏଲପିର ତୃତୀୟ ରାଉଣ୍ଡରେ ତୈଳ ଏବଂ ଗ୍ୟାସ ଅନ୍ୱେଷଣ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୫ଟି ବ୍ଲକ ପାଇଁ ୩ ହଜାର ବର୍ଗ କିମି କ୍ଷେତ୍ରରେ ସର୍ବେକ୍ଷଣ କାମ ଆଜି ଠାରୁ ଆରମ୍ଭ କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଅଏଲ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ଶୁଭାରମ୍ଭ ହୋଇଥିବା ଅଭିଯାନରେ ଅନ୍ୱେଷଣ ସଫଳ ହେଲେ ମହାନଦୀ ଅବବାହିକା ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ତୈଳ ଓ ଗ୍ୟାସର ବାଣିଜ୍ୟିକ ଉତ୍ପାଦନ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ଏକ ଗେମ-ଚେଞ୍ଜର ଭାବେ ଉଭା ହେବ ଓ ଓଡ଼ିଶା ଅର୍ଥନୀତିରେ ନୂଆ ଅଧ୍ୟାୟ ସୃଷ୍ଟି ହେବ । ଏହାସହ ଓଡ଼ିଶା ଉର୍ଜା, ଏଲଏନଜି, ତୈଳ ତଥା ଗ୍ୟାସ କ୍ଷେତ୍ରରେ ଅଗ୍ରଣୀ କ୍ଷେତ୍ର ହେବ। ଭାରତକୁ ବିକଶିତ କରିବା ପାଇଁ ହେଲେ ପୂର୍ବ

▶▶ପୃଷ୍ଠା ୭

### ପୁରୀ ହାଜତ ମୃତ୍ୟୁ ମାମଲା

## ସୋମବାର ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



କଟକ/ଭୁବନେଶ୍ୱର,୨୦।୧୧ (ନି.ପ୍ର): ପୁରୀ ବାସେଳିସାହି ହାଜତ ମୃତ୍ୟୁ ମାମଲାରେ ହାଇକୋର୍ଟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି । ସୋମବାର ସୁଦ୍ଧା ଏ ସମ୍ପର୍କିତ ରିପୋର୍ଟ ସତ୍ୟପାଠ ମାଧ୍ୟମରେ ଦାଖଲ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତୀ ଶୁଣାଣି ଆସନ୍ତା ସପ୍ତାହରେ କରାଯିବ । ପୁରୀର ଆଇନଜୀବୀ ଶରତ କୁମାର ରାୟଗୁରୁଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରେ ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ପୀଡ଼ିତ ପରିବାରକୁ କ୍ଷତିପୂରଣ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତକାଲି ପୁରୀ ବାସେଳିସାହି ଥାନାରେ କେ.ରମେଶ ନାମକ ଯୁବକଙ୍କୁ ପିଟିପିଟି ମାରି ଦିଆଯାଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ । ରମେଶଙ୍କ ଦେହସାରା ମାଡ଼ ଦାଗ ରହିଥିଲା । ପରିବାର ଲୋକଙ୍କୁ ନ ଜଣାଇ କେ.ରମେଶଙ୍କ ଶବ ସତ୍କାର ହୋଇଥିବା ମଧ୍ୟ ଅଭିଯୋଗ ହୋଇଥିଲା । ଏହାକୁ କେନ୍ଦ୍ରକରି ପୁରୀରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା ।

## ଆଇନ ପ୍ରଣୟନ ପାଇଁ ୫ଟି ବିଲ୍ ଆଗତ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ଆଜି ବିଧାନସଭାରେ ଆଇନ ପ୍ରଣୟନ ପାଇଁ ୫ଟି ସରକାରୀ ବିଲ୍ ଆଗତ ହୋଇଥିଲା । ଏଥିମଧ୍ୟରେ ଥିବା ମୁଖ୍ୟମନ୍ତ୍ରୀଙ୍କର ବିଭାଗୀୟ ୨ଟି ବିଲ୍‌କୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଆଗତ କରିଥିଲେ । ଏହି ବିଲ୍ ଗୁଡ଼ିକ ହେଲା ଓଡ଼ିଶା ଲୋକାୟୁକ୍ତ (ସଂଶୋଧନ) ବିଲ୍ - ୨୦୨୦, ଓଡ଼ିଶା ଅତ୍ୟାବଶ୍ୟକ ସେବା(ରକ୍ଷଣାବେକ୍ଷଣ) ସଂଶୋଧନ ବିଲ୍ । ଏହା ବ୍ୟତୀତ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା (ସଂଶୋଧନ)

▶▶ପୃଷ୍ଠା ୭

## ଜାନୁଆରୀ ୨ରେ ଭୁବନେଶ୍ୱରରୁ ଦକ୍ଷିଣ ଭାରତକୁ ସ୍ୱତନ୍ତ୍ର ଭାରତ ଦର୍ଶନ ଟ୍ରେନ୍

ଭୁବନେଶ୍ୱର,୨୦।୧୧ (ନି.ପ୍ର): ଭାରତୀୟ ରେଳବାଇ ଦ୍ୱାରା ଦେଶର ବିଭିନ୍ନ ସ୍ଥାନରେ ଲୋକପ୍ରିୟ ତୀର୍ଥସ୍ଥଳ ଆଡକୁ ସୁଲଭ ମୂଲ୍ୟରେ ସର୍ବଭାରତୀୟ 'ଟୁରିଷ୍ଟ ସ୍ପେଶାଲ ଟ୍ରେନ୍' ଚଳାଚଳ ର ସଫଳତା ପରେ ଦକ୍ଷିଣ ଭାରତକୁ ଅନ୍ୟ ଏକ ପର୍ଯ୍ୟଟନ ସ୍ୱତନ୍ତ୍ର ଟ୍ରେନ୍ ଆସନ୍ତା ଜାନୁଆରୀ ମାସ ୨ ତାରିଖ ଦିନ ଭୁବନେଶ୍ୱର ରୁ ରାତି ୧୦ ଟାରେ ରାମେଶ୍ୱରମ୍, ମଦୁରାଇ ଏବଂ ତିରୁପତି ଦର୍ଶନ ପାଇଁ ଯାତ୍ରା କରିବ । ଏହି ଅଂଚଳର ଯାତ୍ରୀମାନେ ଯେଉଁମାନେ ଏହିସବୁ ସ୍ଥାନକୁ ଦର୍ଶନ ପାଇଁ ଯିବାକୁ ନିଶ୍ଚିତ ଟିକେଟ୍ ପାଇପାରୁ ନାହାଁନ୍ତି କିମ୍ବା ଉପରୋକ୍ତ ନିର୍ଦ୍ଦିଷ୍ଟ ଧାର୍ମିକ ଗନ୍ତବ୍ୟ ସ୍ଥାନକୁ ସିଧାସଳଖ ଟ୍ରେନ୍ ନାହିଁ ସେମାନେ ଏହି ଟ୍ରେନ ଦ୍ୱାରା ଭୁବନେଶ୍ୱରରୁ ଦକ୍ଷିଣ ଭାରତକୁ ଭାରତ ଦର୍ଶନ ପର୍ଯ୍ୟଟନ ଟ୍ରେନ୍ ଦ୍ୱାରା ଯାଇ ଦର୍ଶନ କରିପାରିବେ । ଟୁରିଷ୍ଟ ପ୍ୟାକେଜ୍ ସିଷ୍ଟମ ସହିତ ଭୁବନେଶ୍ୱର, ବ୍ରହ୍ମପୁର, ଶ୍ରୀକାକୁଲମ୍, ବିଜୟନଗରମ, ବିଶାଖାପାଟଣା ଓ ବିଜୟୱାଡା ଠାରୁ ଏହି ଅଂଚଳର ଯାତ୍ରୀମାନେ ଏହି ଟ୍ରେନର ସୁବିଧା ନେଇପାରିବେ ।

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୬୦୮ ହେଲା




ଭୁବନେଶ୍ୱର,୨୦।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୬୦୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୪ ଜଣ ରହିଥିବା ବେଳେ କଟକ ଜିଲ୍ଲାର ୩ ଜଣ ଅଛନ୍ତି । ସେହିପରି ଗଂଜାମ ଓ

▶▶ପୃଷ୍ଠା ୭

## ଭୁବନେଶ୍ୱରରେ ୨୪ ଘଂଟାରେ ୪୨ ପଜିଟିଭ୍ , ୫୬ ସୁସ୍ଥ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଧିରେ ଧିରେ କରୋନା ସଂକ୍ରମଣ ହ୍ରାସ ପାଉଛି । ଶୁକ୍ରବାର ଦିନ ଆଉ ୪୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୯ ଜଣ ସଂଗରୋଧ ଓ ୩୩ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୫୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୩୭୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୫୩୫ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୬୧୫ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୦୧ ଜଣଙ୍କର ମୃତ୍ୟୁ ହୋଇଛି ।

## ଉନ୍ମୋଚିତ ହେଲା ପୂଜାସଂଖ୍ୟା 'ସାଗରିକା'

### ବୁଲ୍‌ବୁଲ୍ ପକ୍ଷୀ ଭଳି ରକ୍ତକ୍ଷରଣରୁ ହିଁ ଏକ ସୁସମ୍ପାଦିତ ସାହିତ୍ୟ ପତ୍ରିକା ପ୍ରକାଶନ ସମ୍ଭବ ହୋଇଥାଏ



ବାଲେଶ୍ୱର,୨୦।୧୧ (ନି.ପ୍ର): ସାହିତ୍ୟ ଏକ ଏକ ସମୟଖଣ୍ଡର ସତ୍ୟଶୀଳ ଇତିହାସ । ଲେଖକ ସବୁକାଳରେ ବାସ୍ତବତାର ଭିତ୍ତିଭୂମିରୁ ଉପାଦାନ ସାଉଁଟି କଳ୍ପନାର ପୁଟଦେଇ ଯେଉଁ ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ, ନାଟକ, ଆତ୍ମଚରିତ ପ୍ରଭୃତି ଲେଖିଥାନ୍ତି ତାହା ସମାଜର ପ୍ରତିଚ୍ଛବିକୁ ପ୍ରତିଫଳିତ କରି ଜନଜୀବନରେ ପରିବର୍ତ୍ତନର ମାର୍ଗ ଉନ୍ମୋଚନ କରିଥାଏ । ଏଣୁ ସୁସ୍ଥ ଓ ସୁନ୍ଦର ସମାଜଗଠନରେ ସାହିତ୍ୟର ଅବଦାନ ଅନସ୍ୱୀକାର୍ଯ୍ୟ । ଓସ୍କାର ୱାଇଲ୍ଡଙ୍କ କାଳଜୟୀ ସୃଷ୍ଟିରେ ନାଇଟିଙ୍ଗେଲ ଯେଉଳି ଗୋଲାପର କଣ୍ଟାରେ ବିଦ୍ଧ ହୋଇ ରକ୍ତକ୍ଷରଣ ପରେ ଗୋଲାପ ଫୁଟାଇ ପାରିଥିଲା ସେଇଭଳି ଜଣେ ସୁସମ୍ପାଦକ ସମୃଦ୍ଧ ସାହିତ୍ୟ ପତ୍ରିକା ସମ୍ପାଦନା ପାଇଁ ରକ୍ତକ୍ଷରଣ କରି ଏ ଦିଗରେ ସଫଳତା ଅର୍ଜନ କରେ ବୋଲି ଆଜି ବାଲେଶ୍ୱରରୁ ପ୍ରକାଶ ପାଉଥିବା 'ସାଗରିକା' ପୂଜାସଂଖ୍ୟା-୨୦୨୦ର ଶୁଭଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା-ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ. ମଣୀନ୍ଦ୍ର କୁମାର ମେହେର ମତବ୍ୟକ୍ତ କରିଛନ୍ତି । ସାଗରିକା କାର୍ଯ୍ୟାଳୟରେ ଆଜି ନିରାଡ଼ମ୍ବର ଭାବେ ସମ୍ପାଦିକା ସୈରିନ୍ଧ୍ରୀ ସାହୁଙ୍କ ସଭାପତିତ୍ୱରେ

▶▶ପୃଷ୍ଠା ୭

## ବରଗଡ କ୍ୟାନ୍ସର ହସ୍ପିଟାଲର ସମୀକ୍ଷା କଲେ ମୁଖ୍ୟ ସଚିବ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଲୋକସେବା ଭବନରେ ଭର୍ଚୁଆଲ୍ ପ୍ଲାଟଫର୍ମ ଜରିଆରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବରଗଡ଼ରେ ଆରମ୍ଭ ହେବାକୁଥିବା କ୍ୟାନସର ହସ୍ପିଟାଲ୍‌ର ଅଗ୍ରଗତି ସଂପର୍କରେ ଆଜି ସମୀକ୍ଷା କରିଛନ୍ତି । ମୁଖ୍ୟ ଶାସନ ସଚିବ ଏହି ହସ୍ପିଟାଲ୍‌ରେ ଠିକ୍ ଭାବରେ ଯଥେଷ୍ଟ ସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ର ଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରେଡିଏସନ୍ ଅଙ୍କୋଲୋଜିଷ୍ଟ, ମେଡିକାଲ , ଫିଜିସିଷ୍ଟ, ରେଡିଓ ଥେରାପି ଟେକ୍‌ନିସିଆନ୍, ଜରୁରୀକାଳୀନ ଡାକ୍ତର, ନର୍ସ, ଅଫିସ ପ୍ରଶାସକ, ଫାର୍ମାସିଷ୍ଟ, କେମୋଥେରାପି ପାଇଁ ନର୍ସଙ୍କ ସହିତ ଆନୁଷଙ୍ଗିକ କର୍ମଚାରୀଙ୍କ ପରି ମାନବସମ୍ବଳ ଅବସ୍ଥାପନ ନିମନ୍ତେ ସ୍ଥିର କରାଯାଇଛି ।

▶▶ପୃଷ୍ଠା ୭

# ବିଶିଷ୍ଟ କବି କମଳାକାନ୍ତ ଲେଙ୍କାଙ୍କ ୮୬ତମ ଜୟନ୍ତୀ




ଭଦ୍ରକ,୨୦।୧୧ (ହି.ସ): କବି କମଳାକାନ୍ତ ଲେଙ୍କାଙ୍କ ୮୬ତମ ଜୟନ୍ତୀ ସମାରୋହ କବି କମଳାକାନ୍ତ ଲେଙ୍କା ସାହିତ୍ୟ ସମାଜ ପକ୍ଷରୁ କଚେରୀ ବଜାର ସ୍ଥିତ ହୋଟେଲ ଯଶୋଦା ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଇଛି। ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର ରାଧାବିନୋଦ ନାୟକ, ମୁଖ୍ୟବକ୍ତା ଭାବେ ଡ. ପ୍ରାଭତ ନଳିନୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ର. ଅଟଳ ବିହାରୀ ନାୟକ ଯୋଗ ଦେଇ କବି କମଳାକାନ୍ତ ଲେଙ୍କାଙ୍କ କାଳଜୟୀ ସାରସ୍ୱତ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଅବନୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୀତାଂଶୁ ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ କବି ଅକ୍ଷୟ କୁମାର ଜେନା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। କବୟିତ୍ରୀ ଚୈତାଳୀ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। କବିଙ୍କ ରଚିତ କବିତା ଗୁଡ଼ିକୁ କଳାକାର କାଳିନ୍ଦୀ ମଲିକ, ଅଧ୍ୟାପକ ରବିନ୍ଦ୍ର ବେହୁରିଆ, ଶିକ୍ଷୟିତ୍ରୀ ଗୀତାରାଣି ଆଇଚ, ଶିକ୍ଷକ ରତିକାନ୍ତ ବେହେରା, ଚିତ୍ରଶିଳ୍ପୀ ଅଶୋକ ମହାନ୍ତି, ରଜତ କୁମାର ସାହୁ ଆବୃତ୍ତି କରିଥିଲେ। କବିଙ୍କ ସାହିତ୍ୟ ସୃଷ୍ଟି ସମ୍ପର୍କରେ ଡ. ରାଧାରାଣି ମହାପାତ୍ର, ନିର୍ମଳ ସେନାପତି, ପ୍ରବୋଧ ମହାନ୍ତ, ଦିବାକର ପାଣି, ବିମଳାନନ୍ଦ ପ୍ରଧାନ, ବସନ୍ତ ନାୟକ, ବିଜୟ ଜେନା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅରୂପାନନ୍ଦ ନାୟକ, ସୋମନାଥ ଓଝା, ରାଜକିଶୋର ସାହୁ, ଗୋଲକ ପଣ୍ଡା, ମମତା ସାହୁ, ବିଶ୍ୱନାଥ ଓଝା ପ୍ରମୁଖ ଆଲୋଚନା କରିଥିଲେ। କବି କମଳାକାନ୍ତ ଲେଙ୍କା ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଭଦ୍ରକର ଏହି ଯୁଗଜନ୍ମା ସାହିତ୍ୟିକଙ୍କ ଜୟନ୍ତୀ ଉତ୍ସବ ଆଗାମୀ ପିଢିର ସାରସ୍ୱତ ସାଧକ/ସାଧିକାମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ମତ ପ୍ରକାଶ ପାଇଥିଲା।

# ବିଦ୍ୟୁତ୍ ଅଧିକ୍ଷଣ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ, ଦରମା ନ ପାଇ ଶ୍ରମିକ ହୀନସ୍ତା

ବାରିପଦା,୨୦।୧୧ (ନି.ପ୍ର): ବାରିପଦା ବିଦ୍ୟୁତ୍ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁଙ୍କ ମନମୁଖୀ କାର୍ଯ୍ୟ କଳାପ କାରଣରୁ ବିଦ୍ୟୁତ୍ ଶ୍ରମିକମାନେ ୩ ମାସ ଧରି ଦରମା ନ ପାଇ ହୀନସ୍ତା ହେଉଥିବାର ଅଭିଯୋଗ ଆସିଛି । ଏବିଷୟରେ ବିଦ୍ୟୁତ୍ କର୍ମଚାରୀ ସଂଘର ମଣ୍ଡଳ ସମ୍ପାଦକ ହିତେଶ କୁମାର ରାଉତ ଓ ଡ଼ିଭିଜନାଲ ସମ୍ପାଦକ ବିଜେନ୍ଦ୍ର କୁମାର ଗିରି ପ୍ରମୁଖ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରିବା ପରେ ଖାମଖିଆଲି ଭାବେ ହଁ ପାଇବେ, ୭ ଦିନ ମଧ୍ୟରେ ପାଇବେ, ସେମାନଙ୍କର ଏଗ୍ରୀମେଂଟ ହୋଇ ନାହିଁ , ହେଲେ ଦେଖିବା ବୋଲି ଉତର ଦେଇଥିଲେ । ତେବେ ବିଦ୍ୟୁତ୍ ଶ୍ରମିକମାନେ ଫିଲଡ଼ରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କର ଚୁକ୍ତିନାମା ସ୍ୱାକ୍ଷର ହୋଇ ନାହିଁ କାହିଁକି ବୋଲି ପାୱାର ଏମ୍ପ୍ଲୋଇଜ ୟୁନିଅନ ପକ୍ଷରୁ ପ୍ରଶ୍ନ କରାଯାଇଛି । ଯଦି ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ କୌଣସି ଦୁର୍ଘଟଣା ଘଟେ, ସେଥି ନିମନ୍ତେ ଅଧିକ୍ଷଣ ଯନ୍ତ୍ରୀ ଅଥବା ନେସ୍କୋ ୟୁଟିଲିଟି ଉତରଦାୟୀ ରହିବେ କି ବୋଲି ମଣ୍ଡଳ ସମ୍ପାଦକ ହିତେଶ କୁମାର ରାଉତ ଓ ଡ଼ିଭିଜନାଲ ସମ୍ପାଦକ ବିଜେନ୍ଦ୍ର କୁମାର ଗିରି ପ୍ରଶ୍ନ ଉଠାଇଛନ୍ତି । ତେଣୁ ଏହାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରାଯିବାର ଆବଶ୍ୟକତା ରହିଛି । ଯଦି ଏହା କରା ନ ଯାଏ ତେବେ ଆଗାମୀ ଦିନରେ ୟୁନିଅନ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି ।

# ଯୁବ ରେଡକ୍ରସ୍‌ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ଓଡିଶା ରେଡ଼କ୍ରସ ଯୁବ ରେଡ଼କ୍ରସ୍ ବିଭାଗ ପକ୍ଷରୁ ସ୍ଥାନୀୟ ରେଡ଼କ୍ରସ୍ ଭବନଠାରେ ଏକ ୩ ଦିନିଆ ଯୁବ ରେଡକ୍ରସ୍‌ର ଅଣତାଲିମପ୍ରାପ୍ତ ପରାମର୍ଶଦାତାମାନଙ୍କର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୨୫ ଜଣ ଅଣତାଲିମ ପ୍ରାପ୍ତ ଯୁବ ରେଡ଼କ୍ରସର ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଯୁବ ରେଡକ୍ରସ୍‌ର ପରାମର୍ଶଦାତା ମାନଙ୍କୁ ଯୁବ ରେଡକ୍ରସ୍‌ର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ବିଷୟରେ ପରିଚିତ କରାଇ ସେମାନଙ୍କ ଦ୍ୱାରା ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେବା ଏବଂ ସାମାଜିକ କର୍ତବ୍ୟ ଓ ଦାୟିତ୍ୱବୋଧ ବିଷୟରେ ଅବଗତ କରାଇବା ଏହି ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଉଦ୍‌ଯାପନୀ ଉତ୍ସବରେ ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ସୁଶ୍ରୀ ସିଟିଏମ୍ ସୁଗୁଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସ୍‌ର ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ରେଡକ୍ରସ୍‌ର ଏଭଳି ପଦକ୍ଷେପ ଯୁବ ରେଡକ୍ରସ୍‌ର କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିପାରିବ ବୋଲି ବିଭିନ୍ନ ଉପଦେଶ ମାଧ୍ୟମରେ ମତବ୍ୟକ୍ତ କରିଥିଲେ । ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଯୋଗଦେଇ ରେଡକ୍ରସର ଆଭିମୁଖ୍ୟ ଓ ଏହାର ପ୍ରସାର ଦିଗରେ କର୍ଯ୍ୟ କରିବା ପାଇଁ ପ୍ରତ୍ୟେକ ପରାମର୍ଶଦାତାଙ୍କୁ ଆହ୍ୱାନ ଦେଇଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ରେଡ଼କ୍ରସ୍‌ର ଇତିହାସ, ମୌଳିକ ନୀତି, ରେଡ଼କ୍ରସ୍‌ର ଚିହ୍ନ ଏବଂ ଏହାର ବ୍ୟବହାର, ବିପର୍ଯ୍ୟୟ ପରିଚାଳନାରେ ଓ ମନୋସ୍ତାତ୍ତ୍ୱିକ ଯତ୍ନ, ସ୍ୱେଚ୍ଛାକୃତ ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ଜଳବାୟୁ ପରିବର୍ତନ ଓ ପରିବେଶ ସୁରକ୍ଷା, ସ୍ୱେଚ୍ଛାକୃତ ସେବା ଆଦି ବିଷୟରେ ବିଭିନ୍ନ ଦକ୍ଷ ବ୍ୟକ୍ତିମାନେ ଆସି ପ୍ରଶିକ୍ଷଣ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ଯୁବ ରେଡ଼କ୍ରସ୍ ପରାମର୍ଶଦାତାମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ରାସ୍ତା ନିର୍ମାଣ ପାଇ ଶାନ୍ତି ନଗର ବାସି ଦାବୀ କଲେ

ଜୟପୁର,୨୦।୧୧ (ନି.ପ୍ର): ଜୟପୁର ପୌରାଚଂଳରେ ରହିଛି ଶାନ୍ତି ନଗର । ୧୯ ଓାର୍ଡର କୁମ୍ଭାରସାହି ପଛପଟ ରେ ରହିଛି ଏହି ସାହି। ରାସ୍ତା, ନାଳ, ଲାଇଟ କିଛି ନାହିଁ ଏନେଇ ପୌରପାଳିକାକୁ ଦୀର୍ଘ ୭ ବର୍ଷ ହେଲାଣି ଗୁହାରି କରି କରି ଥକି ଗଲେଣି । ହେଲେ କିଏ ବି କଣ୍ଡପାତ କରୁ ନାହାଁନ୍ତି । ଏନେଇ ଆଜି ସାହି ବାସିନ୍ଦା ଉପ ଜିଲାପାଳ ହେମକାନ୍ତ ସାୟ ଙ୍କ ଦ୍ୱାରସ୍ଥ ହୋଇଥିଲେ । ସାହି ବାସିନ୍ଦା ଅଭିଯୋଗ କରିଥିଲେ ଯେ ରାସ୍ତା ନଥିବା ଯୋଗୁଁ ସାହି ବାସିନ୍ଦା ବହୁତ ହଇରାଣ ହରକତ ହେଉଛନ୍ତି । ସାହି ଭିତରକୁ ଆମ୍ବୁଲାନ୍ସ ଗାଡି, ସ୍କୁଲ ବସ, ଅଟୋ, ଚାରି ଚକିଆ ଯାନ ମଧ୍ୟ ଆସି ପାରୁ ନାହିଁ । ବର୍ଷା ଦିନେ ଉକ୍ତ ରାସ୍ତାରେ ପଡି ସ୍ଥାନୀୟ ବିସନ୍ଧା ଖଣ୍ଡିଆ ଖାବରା ହେଉଛନ୍ତି । ଷ୍ଟ୍ରିଟ ଲାଇଟ କେବେ ଜଳୁଛି କେବେ ନାହିଁ । ନାଳ ନଥିବା ଯୋଗୁଁ ବର୍ଷା ଦିନରେ ଆଣ୍ଠୁଏ ପାଣି ରହୁଛି । ଏହି ପାଣି କାଦ, ଖସଡାରେ ୧୨୦ ପରିବାର ରହିଆସୁଛନ୍ତି । ଏନେଇ ପୌର ପ୍ରଶାସନ କୁ ବାରମ୍ବାର ଲେଖିକି ଦେଲେ ମଧ୍ୟ କିଏ କଣ୍ଡପାତ କରୁ ନାହାଁନ୍ତି । ଯଦି ପୌର ପ୍ରଶାସନ ରାସ୍ତା , ନାଳ ନିର୍ମାଣ ନକଲେ ଆଗା ମି ଦିନରେ ଆନ୍ଦୋଳନ କରିବୁ ବୋଲି ଚେତବନି ଦେଇଛନ୍ତି ।ଉପ ଜିଲାପାଳ ଙ୍କୁ ଦାବୀ ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ଉପ ଜିଲାପାଳ ସାୟ ଦାବୀ ପତ୍ର ଗ୍ରହଣ କରିବାର ଅଧ ଘଂଟା ଭିତରେ ପୌର କନିଷ୍ଠ ଯନ୍ତ୍ରୀ ଙ୍କ ସହ ଆଜୟ ଜାନୀ ଶାନ୍ତି ନଗର ରେ ପହଂଚି ଥିଲେ । ସାହି ବାସିନ୍ଦା ଙ୍କ ସହ ଆଲୋଚନା କରିଥିଲେ । ତୁରନ୍ତ ରାସ୍ତା, ନାଳ ଓ ଲାଇଟ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

# ଜିଲ୍ଲା ପୋଲିସ ପକ୍ଷରୁ କରୋନା ସଚେତନତା ଅଭିଯାନ: ଶ୍ରମୀକ ମାନଙ୍କୁ ମାସ୍କ ଓ ସାନିଟାଇଜର ପ୍ରଦାନ




ବାରିପଦା,୨୦।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ଏକ କରୋନା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଆରମ୍ଭ ହୋଇଥିବା ପାର୍ବଣ ଓ ଶୀତ ଋତୁରେ କରୋନାର ଦ୍ୱିତୀୟ ଲହରର ପ୍ରଭାବର ଆଶଙ୍କା ରହିଥିବା ବିଷୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସତର୍କ କରିଛି। ଏନେଇ ମୟୂରଭଞ୍ଜ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ କରୋନା ସଂକ୍ରମଣ ରୋକିବାଇକୁ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ବାରିପଦା ସହରର ଟ୍ରାଫିକ୍ ଛକରେ ମୟୂରଭଞ୍ଜ ପୋଲିସ ପକ୍ଷରୁ କୋଭିଡ୍ ମହାମାରୀକୁ ରୋକିବା ପାଇଁ ଆୟୋଜିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପୁରୁଷୋତ୍ତମ ଦାସ ଯୋଗଦେଇ ସବୁଜ ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ପ୍ରଥମେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଦାମ ଚରଣ ସାହୁ, ବାରିପଦା ଏସ୍‌ଡିପିଓ କେ.କେ. ହରିପ୍ରସାଦ, ଅତିରିକ୍ତ ଏସ୍.ପି. ଅଙ୍କୁର ମଲ୍ଲିକ ଓ ବାରିପଦା ଟାଉନ ଥାନାଧିକାରୀ ବିରେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ରହି ମୃତ କୋଭିଡ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। କରୋନା ମହାମାରୀ ସମ୍ପର୍କରେ ସଚେତନତା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସଚେତନତା ବାର୍ତ୍ତା ଦେବା ସହ ଶ୍ରମୀକ ମାନଙ୍କୁ ମାସ୍କ ଓ ସାନିଟାଇଜର ବଂଟନ କରାଯାଇଥିଲା। ମାସ୍କ ପିନ୍ଧିବା, ସାମାଜିକ ଦୂରତା ପାଳନ କରିବା ସହିତ ସରକାରଙ୍କ କଟକଣା ପାଳନ କରିବା ଦ୍ୱାରା କରୋନା ସଂକ୍ରମଣକୁ ରୋକାଯାଇ ପାରିବ ବୋଲି ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସର୍ବସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ପୋଲିସ ପ୍ରଶାସନ ପକ୍ଷରୁ ଆରମ୍ଭ କରଯାଇଥିବା କରୋନା ସଚେତନତା ରଥ ଜିଲ୍ଲାର ସମସ୍ତ ଗାଁ ଗହଳିକୁ ଯାଇ ଲୋକଙ୍କୁ ସଚେତନତା କରିବ ବୋଲି ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀ ମାନଙ୍କ ସହିତ ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ବିଧାନସଭା ପାଇଁ ୩୦ ପ୍ଲାଟୁନ୍ ପୋଲିସ୍ ମୁତୟନ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ଆସନ୍ତାକାଲିଠାରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ପୋଲିସ୍ ଡିଜି ଶ୍ରୀ ଅଭୟ ବିଧାନସଭାରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ବିଧାନସଭା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ରହିବେ ବୋଲି ଡିଜିପି କହିଛନ୍ତି। ଅନ୍ୟପକ୍ଷରେ ଗାନ୍ଧିମାର୍ଗରେ ବିକ୍ଷୋଭ ପାଇଁ କୌଣସି ଆବେଦନ ଆସିନାହିଁ। ନଭେମ୍ବର ଶେଷ ପର୍ଯ୍ୟନ୍ତ କୌଣସି ବିକ୍ଷୋଭ ସମାବେଶକୁ ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

# ଡିଆରଡିଏ କାର୍ଯ୍ୟାଳୟ ପରିସରରେ ଗାଁସାଥୀ ମାନଙ୍କ ଧାରଣା



ବାରିପଦା ଟାଉନ,୨୦।୧୧ (ନି.ପ୍ର): ଗାଁ ସାଥୀ (ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଗାଁସାଥି ମାନେ ଆଜି ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ବାରିପଦା ଠାରେ ବିଭିନ୍ନ ଦାବୀ ନେଇ ଧାରଣା ପ୍ରଦର୍ଶନ କରିଥିଲେ । ଅଭିଯୋଗ ଅନୁଯାୟୀ ୨୦୦୮ ର ଗାଁ ସାଥି ମାନଙ୍କୁ ଅନ୍ୟ ଜିଲ୍ଲାରେ ଯେଉଁ ନ୍ୟାୟ ମିଳୁଛି ତାହା ମୟୂରଭଞ୍ଜ ଜିଲ୍ଲାରେ ମିଳିପାରୁ ନାହିଁ। ଏଣୁ ତୁରନ୍ତ ୨୦୦୮ର ଗାଁ ସାଥି ମାନଙ୍କୁ ସଠିକ ଉପାୟରେ ଚିହ୍ନଟ କରି ସେମାନଙ୍କୁ ମେଟ ଘୋଷଣା କରାଯାଇ ସରକାରୀ ନିୟମ ଅନୁଯାୟୀ ସେମାନଙ୍କୁ କାର୍ଯ୍ୟରେ ସାମିଲ କରି ସେମାନଙ୍କର ଉଚିତ ପ୍ରାପ୍ୟ ପ୍ରଦାନ କରାଯିବା ସହିତ ୧୭ ଦଫା ଦାବୀରେ ଏହି ଧାରଣା ଦିଆଯାଇଥିବାର ଜଣାଯାଇଛି । ରାଜ୍ୟର କେନ୍ଦୁଝର, ଯାଜପୁର, ସୁନ୍ଦରଗଡ ଜିଲ୍ଲାର ଜବକାର୍ଡ ଧାରୀ ଏବଂ ପଶ୍ଚିମ ଓଡିଶାର ବଲାଙ୍ଗିର, ନୂଆପଡା, ବରଗଡ, କଳାହାଣ୍ଡିର ୨୦ଟି ବ୍ଲକରେ ଜବକାର୍ଡ ଧାରୀ ମାନେ ୩୦୩ ଟଙ୍କା ଦୈନିକ ମଜୁରି ପାଇବା ସହିତ ବର୍ଷକୁ ୨୦୦ ଦିନର କାମ ମନରେଗା ଯୋଜନାରୁ ପାଉଛନ୍ତି । ଏହି ଆଧାରରେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଗାଁସାଥି ମାନଙ୍କୁ ଦୈନିକ ୩୦୩ ଟଙ୍କା ମଜୁରୀ ଓ ଅନ୍ୟୁନ ବର୍ଷକୁ ୨୦୦ ଦିନର କାମ ଯୋଗାଇ ଦେବାକୁ ଦାବୀ କରିଛନ୍ତି । ଏହି ଧାରଣାରେ ଗାଁ ସାଥି ସଂଗଠକ କରୁଣାକର ନାୟକ, ଯଦୁନାଥ ମୁର୍ମୁ, ଉତ୍ତମ ବୈଦ୍ୟ, ଅର୍ଜୁନ ଟୁଡୁ, ବିରାମ ମାଝି, କୁଶାଳ ସିଂ, ଭାବଗ୍ରାହୀ ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଗାଁସାଥି ଯୋଗଦେଇ ଥିଲେ ।

# ଅଙ୍ଗନବାଡି କର୍ମୀ ନିଯୁକ୍ତିରେ ପାତରଅନ୍ତର ଅଭିଯୋଗ କଲେ ଗ୍ରାମବାସୀ




ଗୁଣୁପୁର,୨୦।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଗୁଡାରି ବ୍ଲକର ଶିରିଗୁଡା ପଂଚାୟତ ଅଧୀନ ଭୁରୁକୁଡୁ ଅଙ୍ଗନୱାଡି କର୍ମୀ ଭାନୁମତୀ ବସ୍ତରାୟଙ୍କ ମୃତ୍ୟୁ ପରେ ସେହି ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଗଲା । ଭାନୁମତୀ ବସ୍ତରାୟ ହରିଜନ ଶ୍ରେଣୀର ଥିଲେ, ତେଣୁ ଗ୍ରାମବାସୀ କହିବା ଅନୁଯାୟୀ ସେଠାରେ ପୁନର୍ବାର ହରିଜନ ଶ୍ରେଣୀର ଯେକୌଣସି ପ୍ରାର୍ଥୀଙ୍କୁ ଚୟନ କରାଯାଉ । ଭୁରୁକୁଡୁ ଅଙ୍ଗନବାଡି କେନ୍ଦ୍ର ଅଧୀନରେ ଭୁରୁକୁଡୁ, ପାଇକସାହି, ଶବରସାହି, ଲକ୍ଷ୍ମଣ ଗୁଡ଼ା ଏବଂ ଧୁବାବିଲ ଗ୍ରାମ ଗୁଡ଼ିକ ଆସୁଛି । ଏହି କେନ୍ଦ୍ରରେ ବହୁଳ ଭାବେ ହରିଜନ ଶ୍ରେଣୀର ପିଲାମାନେ ପଢ଼ିଥାନ୍ତି । ଏହି କେନ୍ଦ୍ରରେ ହରିଜନ ଶ୍ରେଣୀର ୫୦ ଜଣ ପିଲା ପଢୁଥିବା ବେଳେ ଆଦିବାସୀ ଶ୍ରେଣୀର ୨୫ ଜଣ ଏବଂ ଅନ୍ୟାନ୍ୟ ବର୍ଗର ୯ ଜଣ ପିଲା ପଢୁଛନ୍ତି । ସେହିପରି ଲୋକ ସଂଖ୍ୟା ଦୃଷ୍ଟିରୁ ମଧ ହରିଜନ ଶ୍ରେଣୀର ୪୫୦ ବେଳେ ଆଦିବାସୀ ବର୍ଗର ୨୦୮ ଏବଂ ଅନ୍ୟାନ୍ୟ ବର୍ଗର ୧୮୮ ଅଛନ୍ତି ।ଘର ସଂଖ୍ୟା ଦୃଷ୍ଟିରୁ ମଧ ଅନ୍ୟାନ୍ୟ ବର୍ଗରୁ ୪୫, ଆଦିବାସୀ ୪୬ ଏବଂ ହରିଜନ ୧୨୦ ଅଟେ । ଏଣୁ ସେମାନେ କହୁଛନ୍ତି ଯେ, ସବୁ ଦୃଷ୍ଟିରୁ ଏହା ହରିଜନ ବହୁଳ ହେତୁ ଏଠାରେ ହରିଜନ ଶ୍ରେଣୀର ଯେକୌଣସି ମହିଳାଙ୍କୁ ନିଯୁକ୍ତି ପାଇଲେ ଭଲ ହୋଇଥାନ୍ତା । ସେହି ହିସାବରେ ବିଭାଗ ମଧ ଦରଖାସ୍ତ ଆହ୍ୱାନରେ ନୋଟିସ କରିଥିଲାଯେ, ଉଭୟ ଆଦିବାସୀ ଏବଂ ହରିଜନ ଶ୍ରେଣୀର ମହିଳା ଆବେଦନ କରିପାରିବେ । ତେଣୁ ସେହି ପଦବୀ ନିମନ୍ତେ ଉଭୟ ହରିଜନ ଏବଂ ଆଦିବାସୀ ପ୍ରାର୍ଥୀନୀ ଆବେଦନ କରିଥିଲେ । ହରିଜନ ଶ୍ରେଣୀର ପ୍ରାର୍ଥୀନୀଙ୍କ ଉଚ୍ଚ ଦକ୍ଷତା ଥିଲେ ମଧ ଆଦିବାସୀଙ୍କୁ କିପରି ଏଠାରେ ନିଯୁକ୍ତି ଦିଆଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ଏହି ବିଷୟରେ ସୂଚନା ଅଧିକାର ଆଇନ ଅନୁସାରେ ବିସ୍ତୃତ ତଥ୍ୟ ନିମନ୍ତେ ଆବେଦନ କରିଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ, ଯଦି ଏହାର ସମାଧାନ ନ ହୁଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅପଣାଇବାକୁ ବାଧ ହେବୁ ।

## ଜାତୀୟ ସଂହତି ଦିବସରେ ବିଧାନସଭା ସଚିବାଳୟ ପକ୍ଷରୁ ଶପଥପାଠ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ଜାତୀୟ ସଂହତି ଦିବସ ଉପଲକ୍ଷେ ବିଧାନସଭା ସଚିବାଳୟ ପକ୍ଷରୁ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାନସଭା ପରିସରରେ ସଚିବ ଦାଶରଥୀ ଶତପଥୀ ସମସ୍ତ କର୍ମଚାରୀଙ୍କୁ ଜାତୀୟ ଏକତା ଓ ସଂହତି ରକ୍ଷା କରିବା ନିମିତ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ପାଇଁ ଶପଥପାଠ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପଶାସନ ସଚିବ ଶିଶିରକାନ୍ତ ସ୍ୱାଇଁ, ଡୁଙ୍ଗଡୁଙ୍ଗ ମଟରାଜଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୨୨ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୦।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୨୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୬୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୬୨୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ : ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି

## ପିଏମ ଆବାସ, ସୀମା ବିବାଦକୁ ପ୍ରସଙ୍ଗ କରିବ ବିଜେପି

ଭୁବନେଶ୍ୱର,୨୦।୧୧ (ନି.ପ୍ର): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ସୁରକ୍ଷା, ବେରୋଜଗାର, ମଣ୍ଡି ଅବ୍ୟବସ୍ଥା, କୋଭିଡ ପରିଚାଳନାରେ ବିଫଳ, ପିଏମ ଆବାସ ଘୋଟାଲା ଏବଂ ଘର ଦେବା ପାଇଁ ହିତାଧିକାରୀଙ୍କ ସହ ଯୌନ ସଂପର୍କ ରଖିବା ପାଇଁ ବାଧ କରାଯିବା, ସୀମାନ୍ତ ସୁରକ୍ଷା ଆଦି ପ୍ରସଙ୍ଗରେ ବିଧାନସଭାରେ ବିଜେପି ଶାସକ ଦଳକୁ ଘେରିବ। ଗୁରୁବାର ବିଧାୟକ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକରେଏହି ନିଷ୍ପତି ହୋଇଛି । ଚଳିତ ବିଧାନସଭା ଅଧିବେଶନରେ ବିଜେପି ରାଜ୍ୟର ବିଭିନ୍ନ ସମସ୍ୟା ଉଠାଇବା ସହ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଉପରେ ସରକାରଙ୍କୁ ପ୍ରଶ୍ନ କରିବ । କଳାହାଣ୍ଡି ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେବା ପାଇଁ ସରପଂଚ ହିତାଧିକାରୀଙ୍କ ସହ ଶାରିରୀକ ସଂପର୍କ ରଖିବା ପାଇଁ ଚାପ ପକାଉଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଇବା ଲାଗି ବିଜେଡି ନେତାମାନେ ଚଂଚକତା କରି ହିତାଧିକାରୀଙ୍କ ଠାରୁ ହଜାର ହଜାର ଟଙ୍କା ହଡପ କରୁଛନ୍ତି । ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣଭାବେ ଭୁଶୁଡି ଗଲାଣି । ରାଜ୍ୟସରକାର ପାଖାପାଖି ୯୦୦୦ ସ୍କୁଲକୁ ବନ୍ଦ କରିସାରିଲେଣି । ଏହି ସବୁ ବିଷୟକୁ ବିଧାନସଭାରେ ଆଲୋଚନା କରାଯିବ ବୋଲି ଶ୍ରୀ ନାଏକ କହିଛନ୍ତି। ରାଜ୍ୟ ସରକାରଙ୍କ ଟୋକନ ଓ ଟାର୍ଗେଟ୍ ବ୍ୟବସ୍ଥା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ ମଣ୍ଡିରେ ହଜାର ହଜାର କ୍ୱିଂଟାଲ ଧାନ ପଡିରହୁଛି । ଚାଷୀ ନିଜ ହକ୍ ପାଇବାରୁ ବଂଚିତ ହେଉଛି । ମଣ୍ଡିର ଅଭାବ ଯୋଗୁଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଏମଏସପିରୁ କମ୍ ଦରରେ ଚାଷୀ ନିଜର ଉତ୍ପାଦିତ ଅମଳ ବିକ୍ରି କରୁଛନ୍ତି ବୋଲି ଶ୍ରୀ ନାଏକ କହିଛନ୍ତି । ବର୍ଷ ବର୍ଷ ଧରି ରାଜ୍ୟ-ରାଜ୍ୟ ଭିତରେ ସୀମା ବିବାଦ ଲାଗି ରହିଛି। ସୀମାବର୍ତୀ ଗ୍ରାମ ଗୁଡିକରେ ଓଡିଶା ସରକାର ବିକାଶମୂଳକ କାର୍ଯ୍ୟ ପହଁଚାଇବା ପାଇଁ ବିଫଳ ହୋଇଛନ୍ତି । କୋଭିଡ ପରିଚାଳନା ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ରାଜ୍ୟକୁ ଯୋଗାଇ ଦେଇଥିବାବେଳେ ରାଜ୍ୟସରକାର ଏହାକୁ ସଠିକ ଢଙ୍ଗରେ ଖର୍ଚ୍ଚ କରିପାରିନାହାଁନ୍ତି । ଅନ୍ୟପଟେ କେନ୍ଦ୍ରୀୟ ଯୋଜନାର ଅର୍ଥକୁ ଦଳୀୟ ଆଧାରରେ ବଂଟନ କରାଯାଇଛି ।ଏହିପରି ଅନେକ ପ୍ରସଙ୍ଗକୁ ବିଜେପି ବିଧାୟକ ଦଳ ଗୃହରେ ଉପସ୍ଥାପନା କରିବା ସହ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ଏବଂ ଭକ୍ତଙ୍କ ଆବେଗକୁ ହୃଦୟଙ୍ଗମ କରି ମନ୍ଦିର ଖୋଲିବା ନେଇ ତୁରନ୍ତ ନିଷ୍ପତି ନେବା ଆଦି ପ୍ରସଙ୍ଗକୁ ଗୃହରେ ଉଠାଯିବ ବୋଲି ଶ୍ରୀ ନାଏକ କହିଛନ୍ତି । ଏହି ବିଧାୟକ ଦଳ ବୈଠକରେ ରାଜ୍ୟସଭାପତି ସମୀର ମହାନ୍ତି, ମୁଖ୍ୟ ସଚେତକ ମୋହନ ମାଝୀ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟ ସଧାରଣ ସଂପାଦକ ଗୋଲକ ମହାପାତ୍ରଙ୍କ ସମେତ ଦଳର ସମସ୍ତ ବିଧାୟକ ଓ ବିଧାୟିକା ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କର ୧୦୩ତମ ଜୟନ୍ତୀ ଉତ୍ସବ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ସକାଳେ ସ୍ଥାନୀୟ ଇନ୍ଦିରାପାର୍କ ଠାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଇନ୍ଦିରାଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ଅଧ୍ୟକ୍ଷ ଶ୍ରୀ ସୁରେଶ କୁମାର ରାଉତରାୟ ଓ ସାଧାରଣ ସଂପାଦକ ଶ୍ରୀ ଅମୀୟ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଆୟୋଜିତ ସ୍ମୃତି ସଭାରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ସ୍ମୃତିଚାରଣ କରି କହିଲେ ଯେ ଇନ୍ଦିରା ଗାନ୍ଧୀ ଦେଶର ଆତ୍ମାକୁ ଚିହ୍ନିଥିଲେ। ସେ ଅତ୍ୟନ୍ତ ଦୃଢ଼ମନା ମହିଳା ଥିଲେ ଓ ନୀତିରୁ କେବେ ମୁଣ୍ଡ ନୁଆଉଁନଥିଲେ। ଭାରତବର୍ଷକୁ ପୃଥିବୀରେ ସର୍ବଶ୍ରେଷ୍ଠ କରିବା ପାଇଁ ସେ ଅନେକ ଐତିହାସିକ ପଦକ୍ଷେପ ଗ୍ରହଣ କରିଥିଲେ। ଭାରତ ବର୍ଷର ଅଖଣ୍ଡତା ପାଇଁ କଂଗ୍ରେସ ଯେଉଁ ଉଦ୍ୟମ କରିଥିଲା ତାହାକୁ ଆଜି ନଷ୍ଟ କରିବାପାଇଁ ଚେଷ୍ଟା □ଲିଛି। ଆମ୍ଭେମାନେ ଇନ୍ଦିରାଜୀଙ୍କର ସେହି ଉଦ୍ୟମ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶପଥନେବା ଉଚିତ୍ ବୋଲି ସେ କହିଥିଲେ। ପରେ ଶ୍ରୀ ପଟ୍ଟନାୟକ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଦେଶର ସଂହତି ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବାପାଇଁ ସଂକଳ୍ପ କରାଇଥିଲେ। ଏହି ଅବସରରେ ସଂକୀର୍ତନ ପରିବେଷଣ କରିଥିବା କଳାକାରମାନଙ୍କୁ ଶ୍ରୀ ପଟ୍ଟନାୟକ ମାନପତ୍ର ପ୍ରଦାନ କରିଥିଲେ। ସ୍ମୃତିଚାରଣ କରି କଂଗ୍ରେସ ନେତୃବୃନ୍ଦ ଶରତ ପଟ୍ଟନାୟକ, ରାମଚନ୍ଦ୍ର ଖୁଂଟିଆ, ଗଣେଶ୍ୱର ବେହେରା, ବିଶ୍ୱଜିତ ଦାଶ ପ୍ରମୁଖ ଇନ୍ଦିରାଜୀଙ୍କ କାର୍ଯ୍ୟଦକ୍ଷତା ଓ ଆଦର୍ଶ ସଂପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଶିଷ୍ଟ ଆଇନଜୀବୀ ଶ୍ରୀ ଶିବାନନ୍ଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପିସିସି କାର୍ଯ୍ୟାଳୟଠାରେ କଂଗ୍ରେସ ଦଳ ପକ୍ଷରୁ ଇନ୍ଦିରାଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ଶୁଭେନ୍ଦୁ ମହାନ୍ତି, ଯଜ୍ଞେଶ୍ୱର ବାବୁ, କିଶୋର ଜେନା, ମନୋରଞ୍ଜନ ଦାଶ, ସ୍ମୃତିରଞ୍ଜନ ଲେଙ୍କା, ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶନିବାର, ନଭେମ୍ବର ୨୧, ୨୦୨୦

# ଟାଇ ଆଣ୍ଡ ଡାଇ



ଫ୍ୟାଶନରେ 'ଟାଇ ଆଣ୍ଡ ଡାଇ' ଏକ ପରିଚିତ ନାଁ । ପୂର୍ବରୁ କେବଳ ଶାଢ଼ୀରେ ସୀମିତ ଥିବା 'ଟାଇ ଆଣ୍ଡ ଡାଇ' ଏବେ ସବୁ ପ୍ରକାରର ପୋଷାକରେ ନିଜର ଛାପ ଛାଡ଼ିଛି । ଆସନ୍ତୁ ନଜର ପକାଇବା ଫ୍ୟାଶନେବଲ 'ଟାଇ ଆଣ୍ଡ ଡାଇ' ପୋଷାକ ଉପରେ ।

ଟାଇ ଆଣ୍ଡ ହାଇ ହେଉଛି ପୋଷାକରେ ରଙ୍ଗ ଭରିବାର କଳା । ଗୁଜୁରାଟରେ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଏହି କଳାର ଚାହିଦା ରହିଛି । ପାରମ୍ପାରିକ ପୋଷାକରେ ଟାଇ ଆଣ୍ଡ ଡାଇ ସବୁଠୁ ଅଧିକ ସୁନ୍ଦର ଲାଗେ ।

ଟାଇ ଆଣ୍ଡ ଡାଇ କଥା ଉଠିଛି ମାନେ ଆମେ ପ୍ରଥମେ ଶାଢ଼ିକୁ ପ୍ରାଥମିକତା ଦେବା । ଆଗରୁ ଅଧିକ ସଂଖ୍ୟାରେ କଟନ୍ ଟାଇ ଆଣ୍ଡ ଡାଇ ଶାଢ଼ି ମିଳୁଥିଲା ବେଳେ ଏବେ ସିଲ୍କ ଓ ସିଫନରେ ବି ଏହି ପ୍ୟାଟର୍ଣ୍ଣ ଉପଲବ୍ଧ । ଟାଇ ଆଣ୍ଡ ଡାଇକୁ ସିବୋରି ପ୍ରିଣ୍ଟ ମଧ୍ୟ କୁହାଯାଉଛି । ଟାଇ ଆଣ୍ଡ ଡାଇରେ ସାଧାରଣତଃ ବାଇ କଲର ଓ ମଲ୍ଟି କଲର ପ୍ରିଣ୍ଟ ଦେଖିବାକୁ ମିଳିଥାଏ । ବାଇ କଲରରେ ଦୁଇଟି ରଙ୍ଗର ବ୍ୟବହାର କରାଯାଉଥିବା ବେଳେ ମଲଟିକଲରରେ ଦୁଇରୁ ଅଧିକ ରଙ୍ଗର ଉପଯୋଗ ହୋଇଯାଏ ।

ସିଲ୍କ ଓ ସିଫନର ଟାଇ ଆଣ୍ଡ ଡାଇ ଶାଢୀ ଦେଖିବାକୁ ଯେମିତି ସୁନ୍ଦର, କ୍ୟାରି କରିବା ମଧ୍ୟ ସେତିକି ଆରାମଦାୟକ । ସିଫନ୍ ଟାଇ ଆଣ୍ଡ ଡାଇ ଶାଢ଼ି ସହିତ ମୁକ୍ତାର ଅଳଙ୍କାର ସବୁଠୁ ସୁନ୍ଦର ଲାଗିଥାଏ ।

ଟାଇ ଆଣ୍ଡ ଡାଇରେ ବି ମିଳି ପାରିବ ଫ୍ୟାଶନେବଲ ଲୁକ୍ । ଡିଜାଇନର ପୋଷାକ ପ୍ରସ୍ତୁତ କରୁଥିବା ଫ୍ୟାଶନ୍ ବ୍ୟୁଟିକ୍ ଗୁଡ଼ିକରେ ଟାଇ ଆଣ୍ଡ ଡାଇ



ମେଟେରିଆଲର ପୋଷାକ ଉପଲବ୍ଧ । ଆପଣ ଚାହିଁଲେ ନିଜ ମନ ପସନ୍ଦର କଷ୍ଟମାଇଜଡ ପୋଷାକ ସେଠାରୁ ତିଆରି କରିପାରିବେ ।

ଟାଇ ଆଣ୍ଡ ଡାଇର ପାଲାଜୋ ମଧ୍ୟ ଆସୁଛି । ଯଦିଓ ଏହାର ଦାମ ଟିକେ ଅଧିକ ରହୁଛି ଓ ସେଗୁଡ଼ିକ ବ୍ରାଣ୍ଡେଡ୍ । ଆଉଟଲେଟରେ ଉପଲବ୍ଧ । ଯଦି ଆପଣଙ୍କୁ ଟାଇ ଆଣ୍ଡ ହାଇର ପାଲୋଜୋ ମିଳିଯାଉଛି ତେବେ ଏହା ସହିତ ସିଙ୍ଗଲ କଲରର ଟପ୍ ୱିୟର ବାଛନ୍ତୁ ।

ଜିନ୍ସ ସହିତ ମଧ ଟାଇ ଆଣ୍ଡ ଡାଇର ଟପ୍ କିମ୍ବା କୁର୍ତ୍ତି ପିନ୍ଧିପାରିବେ । ତେବେ ଷ୍ଟ୍ରେଟ୍ କଟ୍ କିମ୍ବା ଏ- ଲାଇନ କୁର୍ତ୍ତା ପରିବର୍ତ୍ତେ ଟାଇ ଆଣ୍ଡ ଡାଇର ହାଇ -ଲୋ ହେମ୍ କିମ୍ବା ଆସିମେଟ୍ରିକାଲ କୁର୍ତ୍ତା କ୍ୟାରିକରନ୍ତୁ ।

ଆପଣଙ୍କୁ ଟାଇ ଆଣ୍ଡ ଡାଇର ପୋଷାକ ପିନ୍ଧିବାକୁ ଇଚ୍ଛା । ହେଲେ ସହଜରେ ତାହା ମିଳୁନି । ଚିନ୍ତା କରନ୍ତୁ ନାହିଁ । ଟାଇ ଆଣ୍ଡ ଡାଇର ସ୍କାର୍ଫ ସବୁଠି ମିଳୁଛି । ଉଭୟ ପାଶ୍ଚାତ୍ୟ ଓ ପାରମ୍ପାରିକ ପୋଷାକ ସହିତ ଏହି ସ୍କାର୍ଫ କ୍ୟାରି କରିପାରିବେ ।

ଫ୍ଲୋରାଲ ପ୍ରିଣ୍ଟର ସ୍କର୍ଟ ପିନ୍ଧି ପିନ୍ଧି ବୋର ହୋଇଗଲେଣି । ଏଥର ଟିକେ ଅନ୍ୟ ପିଣ୍ଟର ସ୍କର୍ଟ ବିଷୟରେ ଚିନ୍ତା କରନ୍ତୁ । ଏ କ୍ଷେତ୍ରରେ ଆପଣଙ୍କୁ ଟାଇ ଆଣ୍ଡ ଡାଇ ପିଣ୍ଟର ଲଙ୍ଗ ସ୍କର୍ଟ ବେଶ୍ ଭଲ ମାନିବ । ଟାଇ ଆଣ୍ଡ ଡାଇ ଲଙ୍ଗ ସ୍କର୍ଟ ବେଶ୍ ଭଲ ମାନିବ । ଟାଇ ଆଣ୍ଡ ଡାଇ ଲଙ୍ଗ ସ୍କର୍ଟ ସହିତ ସଲିଡ୍ କଲର ସର୍ଟ କୁର୍ତ୍ତା କିମ୍ବା କ୍ରପ୍ ଟପ୍ ଆପଣଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରିବ ।





## ପୁରୁଷଙ୍କ ପାଇଁ କିଛି

ପୁଅମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଛି ବ୍ରଣ ସମସ୍ୟା । ଝିଅମାନଙ୍କ ଭଳି କିଛି ପୁଅମାନଙ୍କ ଠାରେ ମଧ୍ୟ ଏହି ସମସ୍ୟା ଦେଖାଯାଏ । ଯାହା ସେମାନଙ୍କ ଆତ୍ମବିଶ୍ୱାସକୁ କମ୍ କରିଦେଇଥାଏ । କିଛି ଟିପ୍ସକୁ ଫଟୋ କରି ଏହି ମୁଖବ୍ରଣକୁ ଦୂର କରାଯାଇ ପାରିବ । ଆସନ୍ତୁ ଏହା ଉପରେ ଅଧିକ ନଜର ପକାଇବା ।

୧. ଅଫିସ୍‌ରେ କାମ କଲା ସମୟରେ ବିଭିନ୍ନ ପ୍ରକାରର ଜୀବାଣୁ ହାତରେ ଲାଗିଥାନ୍ତି । ସେହି ସମୟରେ ଅସନା ହାତ ମୁହଁରେ ମାରନ୍ତୁ ନାହିଁ । ଏହାଦ୍ୱାରା ଇନଫେକସନ ହେବାର ସମ୍ଭାବନା ରହିଥାଏ ।

୨. ମୁହଁରେ ରୁମାଲ୍ ବଦଳରେ ବଜାରରେ ଉପଲବ୍ଧ ଉେଥିବା କ୍ଲିନ୍ ୱାଇପ୍‌କୁ ବ୍ୟବହାର କରନ୍ତୁ ।

୩. ପ୍ରତିଦିନ ବ୍ୟବହାର କରୁଥିବା ତକିଆ ଖୋଳ, ଟାୱେଲ୍, ରୁମାଲକୁ ଭଲ ଭାବରେ ଧୁଅନ୍ତୁ ।

୪. ବ୍ରଣକୁ ମୂଳରୁ ଉପାଡ଼ିବାକୁ ଚାହୁଁଥିଲେ ବ୍ରଣ ହୋଇଥିବା ସ୍ଥାନରେ ରସୁଣ ପେଷ୍ଟ ଲଗାନ୍ତୁ । ୧୦ ମିନିଟ୍ ପରେ ଏହାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ ।

୫. ବ୍ରଣ ହୋଇଥିବା ସ୍ଥାନରେ ଅଣ୍ଡାର ଧଳା ଅଂଶ ପ୍ରୟୋଗ କରନ୍ତୁ । ଏହା ଚର୍ମକୁ କୋମଳ ରଖିବା ସହ ବ୍ରଣକୁ ଦୂରେଇ ଥାଏ ।

## ମେରୁଦଣ୍ଡ ଯକ୍ଷ୍ମା

ମେରୁଦଣ୍ଡ ଯକ୍ଷ୍ମା ଏକ ମାରାତ୍ମକ ରୋଗ । ସିଟି ସ୍କାନ୍, ଏମବଆରଆଇ ଆଦି ପରୀକ୍ଷା ଦ୍ୱାରା ଏହି ରୋଗ ଚିହ୍ନଟ ହୁଏ । ମେରୁଦଣ୍ଡରେ କଷ୍ଟ ହେବା ସାଧାରଣ ଲକ୍ଷଣ । ଯକ୍ଷ୍ମା ଜୀବାଣୁ ମେରୁଦଣ୍ଡର ଅସ୍ଥି ସଙ୍କୁଚିତ କରାଏ । ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାବେଳେ ମଣିଷକୁ ଆକ୍ରାନ୍ତ କରିଥାଏ । ଏହି ଜୀବାଣୁ ରକ୍ତରେ ରହି ନାନା ସମସ୍ୟା ସୃଷ୍ଟି କରାଏ । ମେରୁଦଣ୍ଡ ଅସ୍ଥି ସଂକୁଚିତ ହେଲେ ସ୍ନାୟବିକ ସମସ୍ୟା ହୁଏ । ଚିକିତ୍ସା କରାନଗଲେ ମେରୁଦଣ୍ଡ ସବୁ ଦିନପାଇଁ ବିକୃତ ହୋଇଯାଇପାରେ । ବାରକ୍ୟୁଲାର କେମୋଥେରାପି ଦ୍ୱାରା ଏହା ଚିକିତ୍ସା କରାଯାଉଛି । ଏହି ଚିକିତ୍ସା ସୁବିଧା ଅଧିକାଂଶ ସରକାରୀ ଚିକିତ୍ସାଳୟରେ ମାଗଣାରେ ମିଳୁଛି । ଠିକ୍ ସମୟରେ ଚିକିତ୍ସା କଲେ, ରୋଗରୁ ସଂପୂର୍ଣ୍ଣ ମୁକ୍ତି ପାଇବା ସଂଭବ ।

## ମୃତ୍ୟୁରେ ହୁଏ ଉତ୍ସବ



ଯେତେବେଳେ କୌଣସି ସମ୍ପର୍କୀୟ ଦୁନିଆ ଛାଡ଼ି ଚାଲିଯାଏ, ଦୁଃଖଲାଗେ । ଜୀବନରେ ତା' ସ୍ଥାନ ଖାଲି ରହିଯାଏ । ସେଥିପାଇଁ ପ୍ରତିବର୍ଷ ସେହିଦିନ ଉକ୍ତ ବ୍ୟକ୍ତିଙ୍କୁ ପୂଜା କରାଯାଏ । ଏମିତି ପରମ୍ପରା ବିଭିନ୍ନ ଦେଶରେ ରହିଛି । ମାତ୍ର ଜାପାନ ଏପରି ଏକ ଦେଶ, ଯେଉଁଠାରେ ପୂର୍ବଜଙ୍କର ଶ୍ରାଦ୍ଧ ଦିବସରେ ଉତ୍ସବ ପାଳିତ ହୁଏ । ଯାହାକ ଜାପାନୀ ଭାଷାରେ 'ଓ-ବେନ୍' କହାଯାଏ । ଏଠାରେ ଏହି ପରମ୍ପରା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଓବେନ ଉତ୍ସବ ତିନିଦିନ ଯାଏ ପାଳିତ ହୁଏ । ଅବଶ୍ୟ ଏହାର ଆରମ୍ଭ ଜାପାନରେ ବିଭିନ୍ନ ପ୍ରାନ୍ତରେ ଅଲଗା ଅଲଗା ହୋଇଥାଏ । ଏହିଦିନ ଜାପାନୀମାନେ ନିଜ ପୂର୍ବଜଙ୍କର ଘର ବା ଗାଁକୁ ଯାଉଥାନ୍ତି । ଏହିଦିନ ଜାପାନୀମାନେ ନିଜ ପୂର୍ବଜଙ୍କର ଘର ବା ଗାଁକୁ ଯାଇଥାନ୍ତି । ଓବେନର ପ୍ରଥମ ଦିନ ଲୋକମାନେ ଘର ସଫା କରି ଯୁବକଙ୍କ କବର ଉପରେ ଫୁଲ୍ ବଢ଼ାଇଥାନ୍ତି । ଏହା ପଛରେ ମାନ୍ୟତା ରହିଛି ଯେ ଦୁନିଆରୁ ଚାଲିଯାଇଥିବା ପୂର୍ବଜକମାନେ ଗୋଟିଏ ଦିନ ବାଛି ପରିଜନ ଓ ସାଙ୍ଗମାନଙ୍କ ସହ ଭେଟିବାକୁ ଆସିଥାନ୍ତି । ସେଥିପାଇଁ ଏହି ଦିନମାନଙ୍କରେ ଘର ସାମନାରେ ଲାଲ ଟେଣ୍ଟ ସଜାଯାଇଥାଏ । ପ୍ରଥମଦିନରେ କାର୍ଯ୍ୟକ୍ରମକୁ ମୁକେ-ବେନ କୁହାଯାଏ । ପାରମ୍ପରିକ ଓବେନ ନୃତ୍ୟକୁ ଜାପାନୀ ଭାଷାରେ ବୋନ-ଓଡ଼ୋରୀ କୁହାଯାଏ । ଉତ୍ସବର ଶେଷ ଦିନରେ ପୂର୍ବଜଙ୍କ ଆତ୍ମାକୁ ଦୀପ ପ୍ରଜ୍ୱଳନ କରି କଦୀରେ ବିସର୍ଜନ କରାଯାଏ । ଏହି ପ୍ରକ୍ରିୟାକୁ 'ଓକିରୀ ବାର କୁହାଯାଏ ।



## ବ୍ରିଟେନର ସିଙ୍ଗଡ଼ା ସପ୍ତାହ







ଭାରତର ଲୋକପ୍ରିୟ ଖାଦ୍ୟପଦାଥ ସିଙ୍ଗଡ଼ା (ସମୋସା)ର ବ୍ରିଟେନରେ ବି ଖୁବ୍ ଚାହିଦା ରହିଛି । ବ୍ରିଟେନରେ ଭାରତ ଏବଂ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକରେ ଲୋକେ ବହୁସଂଖ୍ୟାରେ ରହୁଥିବାରୁ ସେମାନଙ୍କ ଯୋଗୁ ବି ସେଠାରେ ସବି ସିଙ୍ଗଡ଼ାର ଲୋକପ୍ରିୟତା ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ସେଠାକାର ଏକ ସହର ଲିସେଷ୍ଟରରେ ଜାତୀୟ ସିଙ୍ଗଡ଼ା ସପ୍ତାହ ପାଳନ କରାଯାଇଥାଏ । ଲିସେଷ୍ଟର ସହରରେ ଏହି ଖାଦ୍ୟ ମହୋତ୍ସବ ପାଳନ କରିବା ସକାଶେ ଯୋଜନା କରାଯିବାର କାରଣ ହୋଇଛି ଯେ, ସେଠାରେ ଭାରତୀୟ ନାଗରିକ ବହୁ ସଂଖ୍ୟାରେ ବସବାସି କରନ୍ତି । ଏହି ଉତ୍ସବ ପାଇଁ ସେଠାକାର ପୁଲିସ ଏବଂ କିଛି ଦାତବ୍ୟ ସଂଗଠନ ଓ ସମର୍ଥନ ଯୋଗାଉଛନ୍ତି । ଜାତୀୟ ସିଙ୍ଗଡ଼ା ସପ୍ତାହ ପାଳନ ଅବସରରେ ବ୍ରିଟେନରେ ସମସ୍ତ ଭାଗରେ ଲୋକଙ୍କୁ ଅଧିକ ସଂଖ୍ୟାରେ ସିଙ୍ଗଡ଼ା ତିଆରି, କିଣିବା ଏବଂ ବିକିବାକୁ ଉତ୍ସାହିତ ।

## ଅନିଦ୍ରା ସମସ୍ୟାରୁ ମୁକ୍ତି ପାଇବା ପାଇଁ ପାନୀୟ





ଭୋଜନ କରିବାପରେ ସଙ୍ଗେ ସଙ୍ଗେ ଶୋଇପଡ଼ିଲେ ଓଜନ ବଢ଼ିଯାଇଥାଏ ବୋଲି ସାଧାରଣରେ ବିଶ୍ୱାସ କରାଯାଏ । ଏହା ସତ ମଧ୍ୟ । ଏଥିପାଇଁ ପ୍ରତ୍ୟେକ ଲୋକ ନିଜ ଶରୀରର ଓଜନକୁ ସନ୍ତୁଳିତ ରଖିବାପାଇଁ ଭୋଜନପରେ ଓ ଶୋଇବାର ବ୍ୟବଧାନ କେତେ ରଖିବେ ନଜାଣିପାରି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଜାଗ୍ରତ ରୁହନ୍ତି । ଅନ୍ୟପଟେ ଅଫିସ କାମ କରିବାକୁ ଯାଇ କର୍ମଜୀବି ମହିଳା ହୁଅନ୍ତୁ ଅବା ପୁରଷ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଅନିଦ୍ରା ରହିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ କିନ୍ତୁ ଏମିତି କିଛି ପାନୀୟ ଅଛି ଯାହାକୁ ଶୋଇବା ପୂର୍ବରୁ ପିଇଲେ ଓଜନ ବୃଦ୍ଧି ପାଇବ ନାହିଁ -



ଶୋଇବା ପୂର୍ବରୁ ଏକ ଗ୍ଲାସ୍ ମୌସୁମୀର ଜୁସ୍ ପିଇଲେ ମଧ ଭଲ ନିଦ ହୋଇଥାଏ । ଏହା ଶରୀରର ଓଜନ କମ୍ କରିବାରେ ସହାୟକ ହୋଇଥାଏ । ଏଥିରେ ଭିଟାମିନ୍ ସି ଓ ପୋଟାସିୟକ୍ ପ୍ରଚୁର ମାତ୍ରାରେ ଥିବା ହେତୁ ତ୍ୱାଚା ପାଇଁ ମଧ ଲାଭପ୍ରଦ ବୋଲି କୁହାଯାଏ । ମୌସୁମୀ ଜୁସ୍ ପିଇଲେ ରକ୍ତ ସଞ୍ଚାଳନ ମଧ ନିୟନ୍ତ୍ରିତ ହୋଇଥାଏ । ଏହାକୁ ନିୟମିତ ସେବନ କଲେ ସ୍ୱାସ୍ଥ୍ୟ ମଧ ଭଲ କିନ୍ତୁ ରାତିରେ କ୍ଷୀର ସହିତ ମୌସୁମୀ ଜୁସ୍ ପିଇବା ଅନୁଚିତ୍ ।

ଶୋଇବା ପୂର୍ବରୁ ଏକ ଗ୍ଲାସ୍ କ୍ଷୀର ପିଇଲେ ଖୁବ୍ ଭଲ ନିଦ ଆସେ । ତା'ଛଡ଼ା ଶରୀରରେ ଯେତେ ଚାପ ଥିଲେ ମଧ ତାହା କମିବା ସହିତ ଶରୀରର ଓଜନ ମଧ କମିଯାଏ । ଠିକ୍ ସେହିପରି ଲୋ କାଲୋରି ସୋୟା ମିଲ୍କ ସେବନ କଲେ ମଧ ଓଜନ ହ୍ରାସ ପାଇଥାଏ । ଏଥିରେ ଆଦୌ କ୍ୟାଲେରି ନଥାଏ । କେମୋ ମାଇଲ୍ ଟି ସେବନ କଲେ ମଧ ଓଜନ କମିଥାଏ ।

## ଗୁଇନ୍ଦା ଡ୍ରୋନ୍



ସାମରିକ କାର୍ଯ୍ୟରେ ଲଗାଇବା ପାଇଁ ଚାଇନା ଏକ ସ୍ୱତନ୍ତ୍ର ଡ୍ରୋନ ବିକଶିତ କରିଛି । ସମୁଦ୍ର ପତ୍ନୀ ଠାରୁ କୋଡ଼ିଏ କିଲୋମିଟର ଉଚ୍ଚରେ ଏହା ଉଡ଼ିପାରିବ । ଏହି ଅଞ୍ଚଳର ବାୟୁ ପତଳା ଓ ତାପମାତ୍ରା କମ । ଅନ୍ୟ ଡ୍ରେନ ପକ୍ଷେ ଉଡ଼ିବା କଷ୍ଟସାଧ୍ୟ । ତେବେ, ଅତ୍ୟାଧୁନିକ ଜ୍ଞାନ-କୌଶଳରେ ନିର୍ମିତ ଗୁଇନ୍ଦା ଡ୍ରୋନ ଅକ୍ଳେଶରେ ଉଡ଼ି, ଗୁପ୍ତ ତଥ୍ୟ ସଂଗ୍ରହ କରିବାକୁ ସକ୍ଷମ । ଡ୍ରେନରେ ପରୀକ୍ଷଣ ସଫଳ ହୋଇଥିବା ପ୍ରକାଶ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୧ ନଭେମ୍ବର ୨୦୨୦, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମାଜର କାଳ....

ଦିଲ୍ଲୀ ପୁଣି ଚର୍ଚ୍ଚାକୁ ଆସିଛି । କରୋନା ମହମାରୀର ତୃତୀୟ ଲହଡ଼ିର ସମ୍ମୁଖୀନ ହୋଇଥିବା ଦେଶର ରାଜଧାନୀରେ ପ୍ରଦୂଷଣ ସମସ୍ୟା ଗୁରୁତ୍ୱର ହୋଇପଡ଼ିଛି । ସମଗ୍ର ଦିଲ୍ଲୀଆକାଶ ଧୂଆଁର ବହଳ ଆସ୍ତରଣରେ ଆବୃତ ହୋଇଛି । ଅଳ୍ପ ଦୂରରୁ ମଧ ଇଣ୍ଡିଆ ଗେଟ୍ ଦେଖାଯାଉନାହିଁ । ପ୍ରଦୂଷଣକୁ ରୋକିବା ନିମନ୍ତେ ସରକାର ଯଥୋଚିତ ଗୁରୁତ୍ୱ ଦେଉନାହାନ୍ତି । ଗତ କିଛିବର୍ଷ ହେଉ ପଞ୍ଜାବ, ହରିଆଣା ସମେତ ଅନେକ ରାଜ୍ୟରେ ଚାଷୀ ନଡ଼ା ପୋଡ଼ିବା ଯୋଗୁଁ ପ୍ରଦୂଷଣ ଉତ୍କଟ ହେଉଛି । ସୁପ୍ରିମକୋର୍ଟର ତାଗିଦ ସତ୍ତ୍ୱେ ଅବସ୍ଥାରେ କୌଣସି ଉନ୍ନତି ଘଟୁନାହିଁ । ଏଥର ନୂତନ କୃଷି ଆଇନ ଯୋଗୁଁ କେନ୍ଦ୍ର ସରକାର ଚାଷୀଙ୍କ ବିରୋଧରେ ସମ୍ମୁଖୀନ ହେଉଛନ୍ତି, ତେଣୁ ଚାଷୀ ନଡ଼ା ଜାଳିବା ପ୍ରସଙ୍ଗରେ ଚୁପ୍ ରହିଛି । କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ମଧ ପ୍ରଦୂଷଣ ପାଇଁ ଦିଲ୍ଲୀ ସରକାରଙ୍କୁ ଦାୟୀ କରିଛନ୍ତି । ପଞ୍ଜାବରେ ଆମ ଆଦମୀ ପାର୍ଟି ଚାଷୀଙ୍କ ସମର୍ଥନରେ ଛିଡ଼ା ହୋଇଥିବାରୁ ଦିଲ୍ଲୀର କେଜରିୱାଲ ସରକାର ମଧ ନିରବ । ପରିସ୍ଥିତି ଏପରି ହୋଇଛି ଦିଲ୍ଲୀର ଜନସାଧାରଣ ଓ ରୋଗୀ ଶ୍ୱାସ ସମେତ ଅନ୍ୟାନ୍ୟ ରୋଗରେ ପୀଡ଼ିତ ହେଲେଣି । ଦିଲ୍ଲୀ ଦେଶର ରାଜଧାନୀ ତଥା ଜନବହୁଳ ମହାନଗର ହୋଇଥିବାରୁ ପ୍ରଦୂଷଣ ଏକ ପ୍ରମୁଖ ସଙ୍କଟ ଭାବେ ଉଭା ହୋଇଛି । ଦେଶର ରାଜଧାନୀ ହୋଇଥିବା ଦୃଷ୍ଟିରୁ ଏ କ୍ଷେତ୍ରରେ ଦିଲ୍ଲୀ ଏକ ଆଦର୍ଶ ସହର ହେବା ଉଚିତ; କିନ୍ତୁ ଗତ ୫/୭ ବର୍ଷ ମଧରେ ଏହା ଗ୍ୟାସ ଚେମ୍ବରରେ ପରିଣତ ହୋଇଛି । ପ୍ରଦୂଷଣର ପ୍ରକୃତ କାରଣ କ'ଣ କୌଣସି ସରକାର ଓ ସଂଗଠନ ନିକଟରେ ତା'ର ଉତ୍ତର ନାହିଁ । କୌଣସି ସମସ୍ୟାର ସମାଧାନ ପୂର୍ବରୁ ଏହାର କାରଣ ଜାଣିବା ଆବଶ୍ୟକ, କିନ୍ତୁ ଦିଲ୍ଲୀରେ ଏହାର ନିର୍ଦ୍ଦିଷ୍ଟ କାରଣ ନେଇ ଏ ପର୍ଯ୍ୟନ୍ତ ସନ୍ଦିହାନ । ଆମ ଦେଶରେ ସରକାରୀ ବିଜ୍ଞାନ କେନ୍ଦ୍ର ଅଛି ଯେଉଁଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ମହାନଗରକୁ ପ୍ରଦୂଷଣମୁକ୍ତ କରିବାକୁ ମିଳିତ ପ୍ରୟାସ କରାଯାଉନାହିଁ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନିର୍ବାଚନ ପ୍ରଚାରରେ ଆମେରିକାର ପରିବେଶକୁ ପ୍ରଶଂସା କରିଥିଲେ । ଆମେରିକାର ରାଜନୈତିକ ସଂସ୍କୃତିର ବୈଶିଷ୍ଟ୍ୟ ଯେ ବାୟୁମଣ୍ଡଳରେ ଶୁଦ୍ଧତା ମଧ ନିର୍ବାଚନ ପ୍ରଚାରର ଏକ ଅଂଶ ହୋଇପାରୁଛି, କିନ୍ତୁ ଆମ ଦେଶରେ ଶୁଦ୍ଧତା ପ୍ରସଙ୍ଗ ବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ବିଷୟଗୁଡ଼ିକ ସ୍ଥାନ ପାଏନାହିଁ । ଦିଲ୍ଲୀ ଦେଶର ଅନ୍ୟ ସହର ପାଇଁ ମଧ ସତର୍କଘଣ୍ଟି ବଜାଇଛି । ଦେଶର ଅନ୍ୟ ମହାନଗର ପରି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସମେତ ଶିଳ୍ପାଞ୍ଚଳ ଗଢ଼ିଉଠିଥିବା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଛି । ଏହାକୁ ନିୟନ୍ତ୍ରଣରେ ରଖିବା ଅତି ଜରୁରୀ । ସ୍ୱାସ୍ଥ୍ୟକୁ ନିରୋଗ ରଖିବା ପାଇଁ ଭାରତର ଜନସାଧାରଣ ବର୍ତ୍ତମାନ ପରିବେଶ ସୁରକ୍ଷା ଉପରେ ଚିନ୍ତା କରିବାକୁ ପଡ଼ିବ । ଏହି ପରିପ୍ରେକ୍ଷୀରେ ବିଶ୍ୱ ତାପମାତ୍ରା ବୃଦ୍ଧି ନେଇ ଯେଉଁ ତାଜା ତଥ୍ୟ ପ୍ରକାଶ ପାଇଛି, ତାହା ମନରେ ଦକ ସୃଷ୍ଟି କରିବାପାଇଁ ଯଥେଷ୍ଟ । 'ସାଇଣ୍ଟିଫିକ୍ ରିପୋର୍ଟସ' ନାମକ ପ୍ରସିଦ୍ଧ ପରିବେଶ ପତ୍ରିକାରେ କୁହାଯାଇଛି ଯେ ବୈଶ୍ୱିକ ତାପମାତ୍ର ଖୁବ୍ ଜୋର୍‌ରେ ବଢ଼ିଚାଲିଛି, ଯାହାକୁ ବନ୍ଦ କରିବା ଭଳି ଶକ୍ତି କାହାର ନାହିଁ । ଦୁଇଜଣ ବୈଜ୍ଞାନିକ ନିଜ ନିର୍ମିତ ଏକ ପ୍ରତିକୃତି ଜରିଆରେ ଭବିଷ୍ୟବାଣୀ କରିଛନ୍ତି ଯେ ଧରିତ୍ରୀର ତାପମାତ୍ରା ଅନିୟନ୍ତ୍ରିତ ବେଗରେ ବୃଦ୍ଧି ପାଇବ ଏବଂ ବର୍ତ୍ତମାନ ଯେତେ ସବୁଜଗୃହ ବାଷ୍ପ ବା ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କଲେ ମଧ ସମୁଦ୍ର ଜଳସ୍ତର ମଧ ବଢ଼ିଚାଲିବ । ସେମାନେ ଚେତାବନୀ ଦେଇଛନ୍ତି ଯେ ବର୍ତ୍ତମାନ ବିଶ୍ୱ ତାପମାତ୍ରା ବୃଦ୍ଧି ଅଟକାଇବା ସ୍ଥିତିର ନାହିଁ । ଏହି ଦୁଇ ବିଜ୍ଞାନୀ ସେମାନଙ୍କ ମଡେଲ୍‌ର ନାଁ ରଖିଛି 'ଏସ୍କିମୋ' (ଇଏସ୍‌ସିଆଇଏମ୍‌ଓ) । ଏଥିରେ ସେମାନେ ୧୮୫୦ ପରଠାରୁ ବିଭିନ୍ନ ଘଟଣାର ତଥ୍ୟାବଳୀକୁ ସଂଗ୍ରହ କରି ୨୫୦୦ ମସିହା ପର୍ଯ୍ୟନ୍ତ ଧରିତ୍ରୀର ତାପମାତ୍ରା କେତେ ବୃଦ୍ଧି ପାଇବ, ତାହାକୁ ଦର୍ଶାଇଛନ୍ତି । ଏଥିରେ ସେମାନେ ଶତାଧିକ ବର୍ଷ ଧରି ତରଳିଚାଲିଥିବା ଆଣ୍ଟାର୍କଟିକା ତୁଷାରାଞ୍ଚଳ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏଗୁଡ଼ିକ ଯଦି ଶୀଘ୍ରଶୀଘ୍ର ତରିଳଚାଲେ, ତେବେ ଆମ ପୃଥିବୀ ଅନ୍ଧକାରମୟ ଯୁଗରେ ପହଞ୍ଚିଯିବ ବୋଲି ସେମାନେ କହିଛନ୍ତି । ଅବଶ୍ୟ ଏହି ଗବେଷଣାତ୍ମକ ନିବନ୍ଧରେ ଦର୍ଶାଯଯାଇଥିବା ସମସ୍ତ ତଥ୍ୟକୁ ନେଇ ବୈଜ୍ଞାନିକ ମହଲରେ ମତଭେଦ ରହିଥିବା ଜଣାପଡ଼ିଛି । ସେ ଯାହାହେଉ, ଏହି ତଥ୍ୟ ତ୍ରୁଟିପୂର୍ଣ୍ଣ ହୋଇଥିଲେ ହେଁ ଯେଉଁ ପରିମାଣରେ ବିଶ୍ୱ ତାପମାତ୍ରା ବୃଦ୍ଧି ଘଟୁଛି, ତାହା ନିଶ୍ଚିତଭାବେ ମନୁଷ୍ୟ ପାଇଁ ଏକ ବଡ଼ ବିପଦ ପାଲଟିଚାଲିଛି ସେଥିରେ ସନ୍ଦେହ ନାହିଁ । ପରିବେଶ ଓ ପ୍ରକୃତିର ସୁରକ୍ଷା ସହିତ ଖେଳ ଖେଳିଲେ ଆମକୁ କେହି ରକ୍ଷା କରିପାରିବେ ନାହିଁ ।

---

**ପ୍ରଦୀପ୍ତ ଆଚାର୍ଯ୍ୟ**

# ସଂଘର୍ଷ, ଜୀବନ ଓ ଜୀବିକାର



> ସଂଚିତ ଅର୍ଥ ଓ ଖାଦ୍ୟ ସାମଗ୍ରୀ ଶେଷ ହୋଇଗଲା। ଧନୀକ ଶ୍ରେଣୀ ବ୍ୟକ୍ତି ମାନେ କୌଣସି ପ୍ରକାର ଚଳି ଯାଉଥିବା ସ୍ଥଳେ,ଗରୀବ ଖଟିଖିଆ, ଶ୍ରମିକ ଓ ଦିନମଜୁରିଆଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଗଲା। ଅନେକ ବ୍ୟକ୍ତିଙ୍କୁ ଅନାହାର ଅର୍ଦ୍ଧାହାରରେ କାଳାତିପାତ କରିବାକୁ ପଡିଲା।

କରୋନା ମହାମାରୀର ସର୍ବଗ୍ରାସୀ କରାଳ ମୁଖ ସମ୍ମୁଖରେ ଦଣ୍ଡାୟମାନ ଆଜି ସମଗ୍ର ବିଶ୍ୱ। ଏଯାବତ୍ ନଭେମ୍ବର ମାସ୨୦ ତାରିଖ ସୁଦ୍ଧା, ସମଗ୍ର ବିଶ୍ୱର ୨୧୭ଟି ଦେଶର ୧,୩୬୪.୮୩୭ ଜଣ ବ୍ୟକ୍ତି,କରୋନା ଜନୀତ ମୃତ୍ୟୁ ମୁଖରେ ପଡି ସାରିଲେଣି।ଆମ ଦେଶରୁ ୮,୯୨.୪୪୫ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୧,୩୨.୨୦୨ ଜଣ ପରପାରିକୁ ଚାଲିଗଲେଣି। ଉପରୋକ୍ତ ପରିସଂଖ୍ୟାନକୁ, ଅନେକ ସରକାରୀ ବିରୋଧୀ ବ୍ୟକ୍ତି ଅବିଶ୍ୱାସ କରୁଛନ୍ତି।ତାଙ୍କ ମତରେ ସରକାର,କୋଭିଡକୁ ସଫଳ ଭାବରେ ନିୟନ୍ତ୍ରଣ କରିବାର ଅପାରଗତା କୁ ଲୁଚାଇବା ପାଇଁ ସଠିକ୍ ତଥ୍ୟ ପ୍ରଦାନ କରୁନାହାନ୍ତି।ପ୍ରକୃତରେ ଏହି ପ୍ରଦତ ସଂଖ୍ୟାଠାରୁ ଅନେକ ଅଧିକ ଲୋକ ମୃତ୍ୟୁ ବରଣ କରୁଛନ୍ତି। ମହାମାରୀ ସଂକ୍ରମଣର ପ୍ରାରମ୍ଭରେ, ମାର୍ଚ୍ଚ ୨୨ ତାରିଖ ଦିନ ଆମ ଦେଶରେ ଜନତା କର୍ଫ୍ୟୁ ଜାରି କରାଯାଇଥିଲା। ସେତେବେଳେ ଅତ୍ୟନ୍ତ ସମ୍ବେଦନଶୀଳ ପରିସ୍ଥିତି ଥିଲା। ତା ପରେପରେ ସରକାରଙ୍କର ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ର କଠୋରତା ଏବଂ ଲୋକମାନଙ୍କ ମନରେ ସୃଷ୍ଟ ଅହେତୁକ ଭୟ, ସମଗ୍ର ଦେଶକୁ ସ୍ତବ୍ଧ କରିଦେଲା,ରାସ୍ତାଘାଟ ସବୁ ଶୂନଶାନ୍ ହୋଇଗଲା। ଲୋକମାନେ ଆତଙ୍କିତ ଅବସ୍ଥାରେ ଗୃହବନ୍ଦୀ ଜୀବନ ଅତିବାହିତ କଲେ। ଯେଉଁମାନେ ନିହାତି ଜରୁରୀ ଦୈନନ୍ଦିନ ଆବଶ୍ୟକତା ନିମନ୍ତେ ପଦାକୁ ଗୋଡ କାଢିଲେ, ସେମାନଙ୍କ ଉପରେ ପୋଲିସ ଭାଇମାନଙ୍କର, ଅମାନୁଷିକ ଯଷ୍ଟି ପ୍ରହାରର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସେମାନେ ଆଉ ଦ୍ୱିତୀୟବାର ଘରୁ ବାହାରିବାର ଅପଚେଷ୍ଟା କରିନାହାନ୍ତି। କିନ୍ତୁ ଫଳ କଣ ହେଲା ? ସମସ୍ତଙ୍କର ଧାରଣା ଥିଲା, କିଛିଦିନ ପରେ ସଂକ୍ରମଣ ଆପେ ଆପେ କମିଯିବ। ତାହା ହେଲାନାହିଁ। ଲକ୍‌ଡାଉନ୍ ଓ ସଟ୍‌ଡାଉନ୍,ଦିନେ ରୁ ଦୁଇଦିନ,ସପ୍ତାହେ,ମାସାଧିକ କାଳ ବଢିଚାଲିବା ସାଙ୍ଗେ ସାଙ୍ଗେ,କରୋନା ସଂକ୍ରମଣ ମଧ୍ୟ ସମତାଳରେ ବଢି ଚାଲିଲା। ଜୀବନ ଦୁର୍ବିସହ ହୋଇପଡିଲା। ଦୀର୍ଘଦିନ ଗୃହବନ୍ଦୀ ଜୀବନ ଯାପନ ଫଳରେ, ଲୋକମାନେ ମାନସିକ ସନ୍ତୁଳନତା ହରାଇ ବସିଲେ। ଦୋକାନ ବଜାର,କଳ କାରଖାନା, କୃଷି କ୍ଷେତ୍ରରେ କାର୍ଯ୍ୟ,ଏପରିକି ମନ୍ଦିର ଦ୍ୱାର ମଧ୍ୟ ତାଲା ପଡିଗଲା।ଜୀବନ ବଂଚାଇବାକୁ ଯାଇ ଜୀବିକା ଅର୍ଜନର ସମସ୍ତ ମାର୍ଗ ବନ୍ଦ ହୋଇଗଲା। ସଂଚିତ ଅର୍ଥ ଓ ଖାଦ୍ୟ ସାମଗ୍ରୀ ଶେଷ ହୋଇଗଲା। ଧନୀକ ଶ୍ରେଣୀ ବ୍ୟକ୍ତି ମାନେ କୌଣସି ପ୍ରକାର ଚଳି ଯାଉଥିବା ସ୍ଥଳେ,ଗରୀବ ଖଟିଖିଆ,ଶ୍ରମିକ ଓ ଦିନମଜୁରିଆଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଗଲା। ଅନେକ ବ୍ୟକ୍ତିଙ୍କୁ ଅନାହାର ଅର୍ଦ୍ଧାହାରରେ କାଳାତିପାତ କରିବାକୁ ପଡିଲା। ଦାଦନ ଖଟିବାକୁ ଯାଇଥିବା ପ୍ରବାସୀ ଓଡିଆଙ୍କ ଦୁର୍ଦ୍ଦଶା ଥିଲା ଅକଥନୀୟ। କଳକାରଖାନା ବନ୍ଦ ହୋଇଯିବାରୁ ଜୀବିକା ହରାଇଲେ,ଜୀବନ ବଂଚାଇବାକୁ ଯାଇ ଭିଟାମାଟିକୁ ଫେରିବା ସମୟରେ ମଧ୍ୟ ଯାନବାହନ ବନ୍ଦ ଥିବା ଯୋଗୁ,ଅନେକ ଜୀବନ ହରାଇଲେ। ପ୍ରକୃତରେ ଲକଡାଉନ୍ ଯୋଗୁ ମହାମାରୀର ବ୍ୟାପକତାକୁ ଅନେକାଂଶରେ ରୋକା ଯାଇପାରିଛି। ଲକଡାଉନ୍‌ର ସଫଳତା ଯୋଗୁ,ବିଦେଶୀ ରାଷ୍ଟ୍ରମାନେ ଭାରତ ସରକାରଙ୍କର ଭୂୟସୀ ପ୍ରଶଂସା କଲେ। ସେମାନେ ବୁଝି ପାରିଲେ ନାହିଁ, ଭାରତ ପରି ବୃହତ ଜନବହୁଳ ଦେଶରେ, ଭାରତୀୟ ମାନେ ଶୃଙ୍ଖଳିତ ହେତୁ ଲକଡାଉନ୍ ସଫଳ ହେଲା ନାଁ ଭୟାଲୁ ହେତୁ, ସଂକ୍ରମଣ ଭୟରେ ବା ପୋଲିସର ମାଡ ଭୟରେ ଲକଡାଉନ୍ ସଫଳ ହେଲା! ଲକଡାଉନ୍ ସଫଳ ହେବା ସାଙ୍ଗେ ସାଙ୍ଗେ,ଜୀବିକା ସଂପୂର୍ଣ୍ଣ ଧ୍ୱଂସ ହୋଇଗଲା। ପରିସ୍ଥିତି ଅନୁଧ୍ୟାନ କରି ସରକାର ଲକଡାଉନ୍‌କୁ କିଛି ମାତ୍ରାରେ କୋହଳ କଲେ। ଜୀବନ ବଂଚାଇବାକୁ ଯାଇ ଗୃହ ଭିତରେ ବନ୍ଦ ରହିଲେ, ଜୀବିକା ନଷ୍ଟ,ଜୀବିକା ବଂଚାଇବାକୁ ପଦାକୁ ଗଲେ ଜୀବନ ନଷ୍ଟ। ମୃତ୍ୟୁ ଅନିବାର୍ଯ୍ୟ। ଭିତରେ ରହିଲେ ଖାଦ୍ୟାଭାବ ଜନିତ ମୃତ୍ୟୁ, ବାହାରକୁ ଗଲେ କରୋନା ଜନିତମୃତ୍ୟୁ।ସମସ୍ତେ ଉପାୟଶୁନ୍ୟ।ନାଁ ସରକାର କିଛି କରିପାରିବେ, ନାଁ ଜନସାଧାରଣ କିଛି କରି ପାରିବେ। ଏ ଭୟଙ୍କର ପରିସ୍ଥିତିର କେବଳ ଈଶ୍ୱର ହିଁ ସାହା। ଜୀବନ ସମସ୍ତଙ୍କର ପ୍ରିୟ। ଜୀବନ ଚାଲିଯିବା ଭୟରେ,ମାଆ ପୁଅର ଶବ, ସ୍ତ୍ରୀ ସ୍ୱାମୀର ଶବ ବା ପୁଅ ବାପାର ଶବକୁ ସ୍ପର୍ଶ କରିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। ଅହରହ ଚାଲିଛି ସଂଘର୍ଷ, ଜୀବନ ଓ ଜୀବିକାର। ପ୍ରତିଷେଧକ ଟୀକା ବା ଔଷଧ ଆବିଷ୍କୃତ ନହେବା ପର୍ଯ୍ୟନ୍ତ, ଡାକ୍ତର ଓ ବୈଜ୍ଞାନିକ ମାନଙ୍କର ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି,ମାସ୍କ ପିନ୍ଧିବା,ହସ୍ତ ପ୍ରକ୍ଷ୍ୟାଳନ ଓ ସାମାଜିକ ଦୂରତ୍ୱ ରକ୍ଷା କରିବା ହିଁ ଏକମାତ୍ର ବିକଳ୍ପ।


+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦


---

**ଇଂ. ବିଦ୍ୟାଧର ପଣ୍ଡା**

# ଗଣତନ୍ତ୍ର ଶାସନରେ କର୍କଟ ନକଲି ସାମ୍ବାଦିକ



ସାମ୍ବାଦିକତା ଏକ ଆଦର୍ଶ ବୃତି। ଦୁର୍ନୀତି କରି ଧନୀ ହେବାକୁ କେହି ଏପରି କାର୍ଯ୍ୟକ୍ଷେତ୍ରକୁ ଆସନ୍ତିନି। ନିର୍ଭିକତାର ସହ ଦକ୍ଷ ସଚ୍ଚୋଟ ସାମ୍ବାଦିକତା କରି ଅଧିକ ସମାଜସେବା ଲକ୍ଷରେ ଏ'ରାସ୍ତାରେ ଲୋକ ପାଦ ଦିଅନ୍ତି। ଆଜିକାଲିର କଥା କିନ୍ତୁ ଭିନ୍ନ। ଅସଲି ସାମ୍ବାଦିକଙ୍କ ଠାରୁ ନକଲି ସାମ୍ବାଦିକଙ୍କ ସଂଖ୍ୟା ଅଧିକ। ଛତୁ ଫୁଟିଲା ପରି ସବୁ ଗାଁ ଗହଳିରେ ଏବେ ନକଲି ସାମ୍ବାଦିକଙ୍କ ମୁହଁ ଦେଖିବାକୁ ମିଳୁଛି। ଉତ୍ତର ଓଡିଶା ଏବେ ଏପରି ନକଲି ସାମ୍ବାଦିକଙ୍କର ସ୍ୱର୍ଗ ପାଲଟିଛି। ବେଳେ ବେଳେ ଏମାନେ ପ୍ରକୃତ ସାମ୍ବାଦିକଙ୍କ ପୁଅ, ପୁତୁରା, ଶଳା କି ଜୋଇଁ ହୋଇଥାନ୍ତି। ଏପରି କିଛି ଲୋକଙ୍କ ପାଖରେ ନୈତିକତା ବୋଲି କିଛି ନଥାଏ। କୌଣସି ସଭା ସମିତିରେ ପହଁଚି ପ୍ରଥମେ ତାଙ୍କ ପାଉଣା ଏବଂ ଜଳଖିଆ ବାକ୍ସଟିକୁ ସୁନିଶ୍ଚିତ କରିବା ପରେ ଖବର ସଂଗ୍ରହ ଆରମ୍ଭ କରନ୍ତି। କିଛିଦିନ ତଳେ ଏପରି ଏକ ପ୍ରକଳ୍ପର ଭୂମିପୂଜନ ଜନୈକ ସାଂସଦଙ୍କ ଦ୍ୱାରା ହେଉଥିବା ବେଳେ ଏ'ଅଧମ ସ୍ତମ୍ଭକାରକୁ ସେଠାରେ ଉପସ୍ଥିତ ହେବାର ସୌଭଗ୍ୟ ପ୍ରାପ୍ତି ହୋଇଥିଲା। ଜାଗାଟି ଏକ ପଛୁଆ ଅଧିସୂଚିତ ଜନଜାତି ଆଦିବାସୀ ବହୁଳ ଅଂଚଳ। ଭୂମିପୂଜନ ସମୟରେ ସାମ୍ବାଦିକମାନେ ଗୋଟିଏ ପରେ ଗୋଟିଏ ଆସି ଜମାହେଲେ। ଧିରେ ଧିରେ ଏ ସଂଖ୍ୟା ପନ୍ଦରରୁ କୋଡିଏ ଉପରକୁ ଗଲା। ସମସ୍ତଙ୍କୁ ପ୍ରକଳ୍ପର ଅଟକଳ ଦରକାର, ପୁରା ବିବରଣି ଦରକାର, ଅଧିକାରୀ ମାନଙ୍କର ଦୂରଭାଷ ନମ୍ବର ବି ଦରକାର। ତନ୍ମଧ୍ୟରୁ ଜନୈକ ସାମ୍ବାଦିକର ବ୍ୟବହାର ଅତ୍ୟନ୍ତ ଆପତ୍ତିଜନକ ଜଣାଯାଉଥିଲା। ଦୂରଭାଷ ନମ୍ବର ଦେବାକୁ ମନା କଲାରୁ କ୍ଷୁବ୍ଧ ହୋଇ ଏଣୁତେଣୁ ବଡପାଟିରେ କିଛି ଅଶ୍ଳିଳ ଭାଷା ପ୍ରକାଶ କଲେ। ସେତେବେଳେ ସାଂସଦ ମହାଶୟ ପୂଜା କର୍ମରେ ବ୍ୟସ୍ତ। ତେଣୁ ଏପରି କଥାକୁ ବଡେଇବା ଉଚିତ୍ ହେବନାହିଁ ଭାବି ଚୁପ୍ ରହିବାରୁ ସେ ଅଭଦ୍ର ବ୍ୟକ୍ତି ଜଣକ କିଛି ସମୟ ଉତ୍ପାତ ହୋଇ ଆପେଆପେ ଶାନ୍ତ ହୋଇଗଲେ। ସେ ବି ଏକ ଦୈନିକ ସମ୍ବାଦପତ୍ରର ପ୍ରତିନିଧି ବୋଲି ନିଜର ପରିଚୟ ଦେଉଥିଲେ, କିନ୍ତୁ ତାଙ୍କର ଏପରି ବ୍ୟବହାର ଦେଖି ତାଙ୍କର ପରିଚୟରେ କାହାକୁ ବିଶ୍ୱାସ ହେଉନଥାଏ। ପରିଚୟ ପତ୍ର କାହା ପାଖରେ ନାହିଁ, ତେଣୁ କେମିତି କହିବେ ଯେ ସିଏ ସେହି ଲୋକ କି ନୁହେଁ। ଆଜିକାଲି ଯୁଗରେ ପରିଚୟ ପତ୍ରଟିର ଅବିକଳ ନକଲ କରିବାକୁ ମାତ୍ର କୋଡିଏ ଟଙ୍କା ଯଥେଷ୍ଟ। ଗଣତନ୍ତ୍ର ପଦ୍ଧତିରେ ସାମ୍ବାଦିକମାନେ ହେଲେ ଚତୁର୍ଥସ୍ତମ୍ଭର ପ୍ରତିନିଧି। ସେମାନେ ଯଦି ନକଲି ହେବେ ତେବେ ସ୍ତମ୍ଭଟି ଦୁର୍ବଳ ହେବା ସ୍ୱାଭାବିକ କଥା। ଏ'କୁ ଜଗିବ କିଏ? କାହାର ଦାୟିତ୍ୱ? ସରକାରଙ୍କର ପ୍ରଶାସନିକ ସେବା କି ପୋଲିସଦଳ ଉପରେ ଦାୟିତ୍ୱ ଲଦିଦେଇ ଆମର ଅସଲି ସାମ୍ବାଦିକ ଭାଇମାନେ ଯଦି ଭାବୁଥାନ୍ତି ନିଜର ବୃତି ପ୍ରତି ଠିକ୍ କରୁଥାନ୍ତି ତେବେ କାହାର କିଛି କହିବାର ନାହିଁ। ପ୍ରଥମେ ସେହି ଅସଲି ସାମ୍ବାଦିକଙ୍କର ଇଜତ ମହତ ନିଲାମ ହେବ ଏବଂ ତା'ପରେ ଯାଇ ସାମାଜିକସ୍ତରରେ ଯାହା କ୍ଷତି ହେବାର କଥା ହେବ। ତେଣୁ ଅସଲି ଭାଇମାନେ ଯେତେବେଳେ ନକଲି ଭାଇମାନଙ୍କ ଗାଡିପଛରେ ଯାଇ ସାମ୍ବାଦିକତା କ୍ଷେତ୍ରରେ ଶଠତାକୁ ପ୍ରଶ୍ରୟ ଦେଉଛନ୍ତି, ସେତେବେଳେ ନିଜ ବିବେକକୁ ଏକାନ୍ତରେ ନିଜେ ଟିକେ ପଚାରନ୍ତୁ। ଅଂଟିନିଆଁକୁ ପ୍ରଥମେ ଲିଭାଇବା ଉଚିତ୍, ନହେଲେ ଏହା ଦିନେ ସ୍ତମ୍ଭର ସର୍ବନାଶର କାରଣ ହେବ। ସେ ଉଗ୍ର ବନ୍ଧୁଜଣଙ୍କର ପରିଚୟ ପାଇହେଲାନି, ନହେଲେ ନାଁ ଉଲ୍ଲେଖ କରିବା ଉଚିତ୍ ଥିଲା। ସେଠାରେ ଉପସ୍ଥିତ ଅସଲି ସାମ୍ବାଦିକ ବନ୍ଧୁମାନେ ଚୁପ୍ ରହିବା ବି ଦୁଃଖର ବିଷୟ। ଏହା ଦିନେ ନା ଦିନେ ସମସ୍ତ ସାମ୍ବାଦିକ ଜାତି ପାଇଁ ବୁମେରାଂ ହେବ, ଏଥିରେ ସନ୍ଦେହ ନାହିଁ। ଏହି ପରିପ୍ରେକ୍ଷିରେ ସମ୍ବାଦପତ୍ର ମାଲିକ ମାନଙ୍କର ବି ନିଶ୍ଚିତ ଭାବରେ କିଛି ଦାୟିତ୍ୱ ଅଛି। ବର୍ଷକୁ ଦୁଇ ତିନିଥର ସେମାନଙ୍କର ଆଂଚଳିକ ସାମ୍ବାଦିକଙ୍କର ତଥ୍ୟ ଫଟୋ ସହ ଛପେଇଲେ ଜନସାଧାରଣ ପ୍ରକୃତ ସାମ୍ବାଦିକଙ୍କୁ ଚିହ୍ନନ୍ତେ ଏବଂ ଯାହାଫଳରେ ନକଲିମାନଙ୍କୁ ଶିଶୁପାଳ କରିବାକୁ ସୁବିଧା ହୁଅନ୍ତା। ପାଠକମାନଙ୍କ ମନରେ ପ୍ରଶ୍ନ ଉଠିପାରେ ହଠାତ୍ ନକଲି ସାମ୍ବାଦିକଙ୍କ ପଛରେ ପଡିବା କାରଣ କ'ଣ! ପ୍ରକୃତରେ କହିବାକୁ ଗଲେ ଏସବୁ ପୂଜାପାର୍ବଣ ଦିନମାନଙ୍କରେ ନୂଆବର୍ଷ ଯାଏ ଅଧିକାରୀମାନଙ୍କ ପକେଟ ଢିଲା କରିବାକୁ ଏ'ମାନଙ୍କ ସଂଖ୍ୟାରେ ହଠାତ୍ ବଢୋତ୍ରି ହୋଇଥାଏ। ବର୍ଷାଋତୁରେ ବାହୁଣିବେଙ୍ଗ ବାହାରକୁ ବାହରି ରଡିକଲା ପରି ଏମାନେ ଏଇ ଗ୍ରରିମାସ ଚିଲ୍ଲେଇ ପାଟିତୁଣ୍ଡ କରି ଭଲ ଅମଳ କରନ୍ତି। ତେଣୁ ଜନସଚେତନତା ଉଦ୍ଦେଶ୍ୟରେ ଏହି ସ୍ତମ୍ଭଟିର କଳ୍ପନା।

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଏହି ଚତୁର୍ଥ ସ୍ତମ୍ଭକୁ ମଜଭୁତ୍ କରିବା ଦାୟିତ୍ୱ ସମସ୍ତଙ୍କର ସତ, କିନ୍ତୁ ପ୍ରଥମ ଦାୟିତ୍ୱ ହେଲା ଅସଲି ସାମ୍ବାଦିକଙ୍କର। ସେମାନେ ଯେତେବେଳେ ତା'ଙ୍କ ସାଙ୍ଗରେ ବସାଉଠା କରି ଭୋଜିଭାତ କରୁଛନ୍ତି, ସେତେବେଳେ ଏହା ନିଜ ଗୋଡରେ ନିଜେ କୁରାଢି ମାରିବା ପରି ହେଉଛି। ଧୁଆଁମୂଳା କେତେଟା ଯଦି ଅଧୁଆମୂଳା ସାଥିରେ ମିଶି ସଂଘଟିଏ କଲେ ତାକୁ କ'ଣ କହିବା! ନିଜ ଇଜତ ନିଜ ହାତରେ। ସେମାନଙ୍କ ପରେ ଜନସାଧାରଣଙ୍କର ଦାୟିତ୍ୱ। ଏପରି ନକଲି ସାମ୍ବାଦିକର ପାଖ ପଡୋଶୀ ସାଇଭାଇ ସମସ୍ତେ ନିଶ୍ଚିତ ଜାଣିଥିବେ ଯେ ସେ ଭଦ୍ରବ୍ୟକ୍ତି ପ୍ରକୃତ ସାମ୍ବାଦିକ ନୁହେଁ। ମିଛରେ ଦୁନିଆକୁ ଭଣ୍ଡୁଛି। ତେଣୁ ସେମାନେ ପ୍ରଶାସନକୁ ତାର ଠକାମି ବିଷୟରେ ଜଣାଇବା ଉଚିତ୍। ସର୍ବଶେଷରେ ଆମେ ପ୍ରଶାସନ ଓ ସରକାରଙ୍କୁ ନକଲି ସାମ୍ବାଦିକଙ୍କ ମାତ୍ରାଧିକ ଉପସ୍ଥିତି ପାଇଁ ଦୋଷ ଦେଇପାରିବା। ଆଜିକାଲି ଯୁଗରେ ସମ୍ବାଦପତ୍ରର ପ୍ରଭାବ ସମାଜ ଉପରେ ବହୁତ ରହିଛି। ଇ-ପେପରକୁ କାଟି ସୋସିଆଲ ମିଡିଆରେ ପୋଷ୍ଟ କରିଦେଲେ ଦୁର୍ନୀତିଖୋର ଅଫିସରଗୁଡା ଛେରି ପକଉଛନ୍ତି। ତେଣୁ ନକଲି ସାମ୍ବାଦିକ ଦୁଆରକୁ ଆସିଲା ମାନେ ପାଂଚଶହ ଛପା ଗାନ୍ଧୀମୁଣ୍ଡିଆ କାଗଜଟିଏ ତା ଛାତି ପକେଟରେ ଗେିବାକୁ ବାଧ୍ୟ। ନହେଲେ ପରଦିନ ସକାଳୁ ତା ନାଁରେ ଫାଳେ ମିଛସତ କରି ବାହାରିବ। ସେହିମାନେ ବେଶି ବାହାରେ କହି ବୁଲୁଛନ୍ତି ଯେ ଆମ ଦେଶକୁ ଦୁର୍ନୀତି ଖାଇଗଲା। ଏଠି କିଛି କରି ହେବନି। ସବୁ ନେତା ଖରାପ, ସବୁ ଅଧିକାରୀ ଲାଂଚଖୋର। କିନ୍ତୁ ସମସ୍ତଙ୍କ ଭାଗରୁ ଅଳ୍ପକିଛି ସଚ୍ଚୋଟ ସାମ୍ବାଦିକଙ୍କୁ ଛାଡିଦେଲେ ପ୍ରାୟ ଅନେକ ସାମ୍ବାଦିକଙ୍କ ଖେଳେଇରେ ସେ ପାପଧନରୁ କିଛି ନା କିଛି ନିହାତି ପଡିଥିବ।

ଆମେ ପ୍ରତିଦିନ ଆମର ଦିନଚର୍ଯ୍ୟା ସମ୍ବାଦପତ୍ର ପଠନରୁ ଆରମ୍ଭ କରୁ। ତେଣୁ ସମ୍ବାଦପତ୍ରରେ ପରିବେଷଣ କରାଯାଇଥିବା ସମସ୍ତ ତଥ୍ୟକୁ ଆମେ ନିଶ୍ଚିତ ଗ୍ରହିଁବା ସତ୍ୟ ଏବଂ ସଠିକ୍ ହେଉ। ମିଥ୍ୟା ଏବଂ ବିଭ୍ରାନ୍ତିକର ତଥ୍ୟ ପରିବେଷଣ କରି ଜନସମାଜକୁ ଭୁଲବାଟ ଦେଖାଉଥିବା ଏପରି ନକଲି ସାମ୍ବାଦିକମାନେ ସମାଜର କର୍କଟ ରୋଗ ସହ ସମାନ। କେହିକେହି ତା'ଙ୍କ ଭିତରୁ ଟଙ୍କା ପଇସା ନେଇ ସମ୍ବାଦ ପରିବେଷଣ କରୁଛନ୍ତି। ତା'କୁ ସ୍ତପେଡ୍ ନିୟୁକ୍ତ ବୋଲି ଆଖ୍ୟା ଦିଆଯାଉଥିଲେ ମଧ ଏହା ଜନସାଧାରଣଙ୍କ ପକ୍ଷରେ ଜାଣିବା କଷ୍ଟ। ଏସବୁ କଥା କେବଳ ସେହି ସାମ୍ବାଦିକ, ପ୍ରକାଶକ ଏବଂ ଲାଭବାନ ହେଉଥିବା ବ୍ୟକ୍ତି ବିଶେଷ ଭିତରେ ସୀମିତ ରହୁଥିବାରୁ ସମାଜର ଅନେକ କ୍ଷତି ହେଉଛି। ସମ୍ବାଦପତ୍ର ହେଲା ଆମ ଗଣତନ୍ତ୍ର ରାଷ୍ଟ୍ରର ଜାଗ୍ରତ ପ୍ରହରି, ସେମାନଙ୍କ ଭିତରେ ଯଦି ଏମିତି ନକଲି ଲୋକ ରହିବେ ବାଡ ଫସଲ ଖାଇଲା ପରି ବଡ ଅନର୍ଥ ହୋଇଯିବ। ତେଣୁ ନକଲି ସାମ୍ବାଦିକମାନଙ୍କୁ ସାବଧାନ ରହି ପ୍ରଶାସନକୁ ଜଣାଇଲେ ଦେଶ ଓ ଦଶର ବଡ ଉପକାର ହେବ ବୋଲି ଆଶା ଏବଂ ବିଶ୍ୱାସ।


+ ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦


---

## କବିତା କୋଣାର୍କ

### ଅମୃତ ବଚନ...

**ହରେରାମ ପଣ୍ଡା**



ଆପଣା କରମ ଆପଣା ସାମର୍ଥ୍ୟ
ଜୀବନରେ ସିନା ସବୁଠୁଁ ସାର,
କର୍ମ ଯୋଗୁଁ ସଦା ଜୀବନର ଶୈଳି
ବଦଳାଇ ହୁଏ ମଣିଷ ବଡ଼ ।

ଭାଗ୍ୟ ଉପରେ ଛାଡ଼ିଦେଇ ସବୁ
ଅକର୍ମ ହୋଇକି ରହିଲେ ବସି,
ନବୁଣି ଫସଲ କାଟିବ କେମିତି
ଶୂନ୍ୟରୁ ଫଳ କି ପଡ଼ିବ ଖସି ?
ମଣିଷ ଜୀବନେ କର୍ମ ଅଟେ ସାର
କର୍ମ ଅଟେ ସିନା ପରମ ଧର୍ମ,
ଜୀବନରେ କିଛି ଯଶ ରଖିଯିବା
ଆଚରିବା ଯଦି ମହତ କର୍ମ ।

ଜ୍ଞାନ ଶାସ୍ତ୍ର ଅଗଣିତ ଏ ସଂସାରେ
ବିଦ୍ୟାର କେବେହେଁ ନଥାଏ ଶେଷ,
ହେଲେହେଁ ଜୀବନ କେତେଯେ ସୀମିତ
ବାଧା, ବିଘ୍ନ ପୁଣି ଦୁଃଖ ବିଶେଷ ।

ଉତ୍ତମ ଗୁଣକୁ ଆଦରି ସୁଜ୍ଞାନୀ
ଆଚରିଲେ କିଛି ମହତ କର୍ମ,
ମୋକ୍ଷ ମୁକତି ମିଳଇ ଜୀବନେ
ସାର୍ଥକ ହୁଅଇ ମଣିଷ ଜନ୍ମ ।

ଆତ୍ମଜ୍ଞାନ ସଦା ମଣିଷ ଜୀବନୁଁ
ଯେତେ ଅନ୍ଧକାର କରଇ ଦୂର,
ଜ୍ଞାନ ହିଁ ଉଜ୍ଜଳ, ଜ୍ଞାନ ହିଁ ଆଲୋକ
ଅଫୁରନ୍ତ ସଦା ଜ୍ୟୋତି ଏହାର ।


+ କୁଆଁସ, ମେର୍ଦ୍ଦା କାଟିଆଛକ,
ଯାଜପୁର ।
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ।
ଭ୍ରାମ୍ୟଭାଷ: ୯୪୩୮୦୬୫୧୯୫


---

## କବିତା କୋଣାର୍କ

### ସ୍ୱପ୍ନ...

**ରଶ୍ମି ସାମଲ**



ସ୍ୱପ୍ନ କେବେ ପଚାରେନା
ବାସ୍ତବତାର ଠିକଣା
ସ୍ୱପ୍ନ ଲାଗି ରଙ୍ଗୀନ ଦୁନିଆ
ବାସ୍ତବତା ଏଠି ବାଟବଣା ।
ସ୍ୱପ୍ନ ଏକ ବାସ୍ତବ ନଈର
କୂଳ ଲଂଘୁ ଥିବା ତରଙ୍ଗ
ନା ଥାଏ ଆଶା
ନା ଭରଷା,
ତଥାପି ସେହି ସ୍ୱପ୍ନର
ତରଙ୍ଗରେ
ତରଙ୍ଗାୟିତ ହେବା ପାଇଁ
ଭାରି ମଜା ଲାଗେ ।
ସ୍ୱପ୍ନ ଏକ କୁହୁକରେ
ଥିବା ନିଆଁ
ସେ ନିଆଁ ସମ୍ପୂର୍ଣ୍ଣ ଜଳେନା
କି ସମ୍ପୂର୍ଣ୍ଣ ଲିଭେନା,
ମଣିଷ ସ୍ୱପ୍ନ ରୂପକ
ନିଆଁରେ ଜଳେ
ଅଦିନିଆ ପାହାନ୍ତିଆ
ରାତ୍ରିର ସ୍ୱପ୍ନ ପଛେ ଧାଏଁ ।
ଜୀବନ ତମାମ ସ୍ୱପ୍ନକୁ
ନିଜର କରିବା ପାଇଁ
ମନ ମଧ ଆଶା
ଆକାଂକ୍ଷା ସୃଷ୍ଟି କରେ ।
ସ୍ୱପ୍ନ ଏକ ଜହ୍ନ
ରାତିର କଳଙ୍କ
ଯାହାକୁ ଜୀବନରୁ
ପୋଛି ହୁଏନା,
ବାସ୍ତବତା ମେଘାଛନ୍
ଗଗନର ଆଇନା
ସ୍ୱପ୍ନ ଏଠି ନିର୍ଝରିଣୀ
ବାସ୍ତବତା ଦିଗ ହରା ନଦୀ
ଖୋଜେ ଠିକଣା ।


+ ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫


### ଉପହାର ଦେବି...

**ରାଜେନ୍ଦ୍ର କୁମାର ତ୍ରିପାଠୀ**



ଯେଉଁ ମାଟିରେ ଜନ୍ମିଛି ମୁହିଁ
ଜୀବନ ଦେବି ତାହାରି ପାଇଁ ।
ତା ପାରି ପବନେ ମୁହିଁ ବଢୁଛି
ତା ଶସ୍ୟ ଫଳ ଖାଇ ବଞ୍ଚିଛି ।
ସେହିତ ମୋର ଜନମ ଭୂଇଁ
ଲଢ଼ିବି ମୁହିଁ ତାହାରି ପାଇଁ ।
ଅନ୍ୟାୟ ଅତ୍ୟାଚାର ସହିବି ନାହିଁ
ସବୁ ସ୍ୱାର୍ଥ ଠାରୁ ଉର୍ଦ୍ଧ୍ୱରେ ରହି ।
ବ୍ୟକ୍ତି ସ୍ୱାର୍ଥଠାରୁ ରାଷ୍ଟ୍ର ସ୍ୱାର୍ଥ ଆଗ
ମୋ ସମର୍ପଣ ଆଉ ତ୍ୟାଗ ଭାବ ।
ସମସ୍ତଙ୍କୁ ମୁଁ ଦେବି ଶିଖେଇ
ଦେଶ ମାତୃକାର ପୂଜା
କରିବା ପାଇଁ ।
ବଜାଇବି ମୁହିଁ ମାନବିକତାର ତୂରୀ
ହଟାଇବି ଅନ୍ଧବିଶ୍ୱାସ ଅନ୍ଧାର ଚିରି ।
ଦେଖାଇବି ପଥ କୁସଂସ୍କାର ଦୂର କରି
ରୋକିବି ସବୁ ପ୍ରଦୂଷଣ ଆମରି ।
ପଲିଥିନ ରକ୍ଷାସକୁ ଦେବି ହଟେଇ
ମୃତ୍ତିକା ପ୍ରଦୂଷଣର କାରକ ସେହି ।
ମାଟିରେ ନ ମିଶି ରହେ ପୋତି ହୋଇ
ଫଳରେ ଜଳ ମାଟିକୁ ଭେଦେ ନାହିଁ ।
ଭୂତଳ ଜଳସ୍ତର ତଳକୁ ତଳ ଗମଇ
ପ୍ରକୃତି ଦତ୍ତ ଜଳ ଟୋପେ
ମିଳିବ ନାହିଁ ।
ସ୍ୱଚ୍ଛ ଭାରତ ଗଢ଼ିବାରେ ଅଂଶ ନେବି
ନିରୋଗ ଓ ସୁସ୍ଥ ସମାଜ ଗଢ଼ିବି ।
ରୋଗକୁ ଗୁଡ଼ବାୟ କରିବି
ମୋ ମାତୃଭୂମିକୁ ଉପହାର ଦେବି ।


+ ସହକାରୀ ଶିକ୍ଷକ
ଉତ୍କଳ ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟ ଲାଠୀ, ଗଂଜାମ
ମୋ: ୮୨୪୯୮୦୧୮୫୪

# ଏସଭିଏସ ରେ ଶିଶୁ ଦିବସ ପାଳିତ



ବାରିପଦା,୨୦।୧୧ (ନି.ପ୍ର): ବାରିପଦା ଶିରିଶବଣି ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା ଶ୍ରମରେ ଭିନ୍ନ ଢଙ୍ଗରେ ଅନଲାଇନ ପ୍ରତିଯୋଗୀତା ମାଧ୍ୟମରେ ଶିଶୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ବିଣାପାଣି ଦାସଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନରେ ଦୁଇଦିନ ଧରି ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନଲାଇନ ମାଧ୍ୟମରେ ଫେନସିଡ୍ରେସ, କ୍ୟାଟୱାକ, ରଙ୍ଗୋଲି, ଗୀତ ନୃତ୍ୟ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ସମସ୍ତ ଶ୍ରେଣୀରୁ ଶ୍ରେଷ୍ଠ ୨ଜଣ ପ୍ରତିଯୋଗୀଙ୍କୁ ଫାଇନାଲ ରାଉଣ୍ଡକୁ ନିଆଯାଇଥିବା ବେଳେ ଗ୍ରୁପ ଏ ରେ କେଜିରୁ ୨ୟ ଶ୍ରେଣୀ , ଗ୍ରୁପ ବିରେ ୩ୟରୁ ୭ମ ଶ୍ରେଣୀ ଏବଂ ଗ୍ରୁପ ସିରେ ୮ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟ' ପିଲାଙ୍କୁ ମୋଟ ୩ଟି ଗ୍ରୁପରେ ଭାଗ କରାଯାଇ ଏହାର ଫାଇନାଲ ରାଉଣ୍ଡ ନଭେମ୍ବର ୧୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି । କୃତି ପ୍ରତିଯୋଗୀ ମାନଙ୍କୁ ବିଦ୍ୟାଳୟ ତରଫରୁ ୩୦୦ ଓ ୨୦୦ ଟଙ୍କା ପୁରସ୍କାର ସହିତ ଅନଲାଇନରେ ପ୍ରମାଣ ପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆ ଯାଇଥିବା ବେଳେ, କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଇଶ୍ୱର ଚନ୍ଦ୍ର ସାହୁ, ଆଦର୍ଶ ଶତପଥି, ସହସଂଯୋଜକ ସନ୍ଦିପ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ । ବିଦ୍ୟାଳୟର ଏଭଳି କାର୍ଯ୍ୟକ୍ରମକୁ ଅଭିଭାବକ ମହଲରେ ପ୍ରଶଂସା କରାଯାଇଛି ।

# ବିଶ୍ୱ ଶିଶୁ ନିର୍ଯାତନା ନିରାକରଣ ଦିବସ ପାଳିତ : ଶିଶୁ ନିର୍ଯାତନା ନିରାକରଣ ପାଇଁ ପ୍ରଥା ସୃଷ୍ଟି ହେବା ଆବଶ୍ୟକ




ଭଦ୍ରକ,୨୦।୧୧ (ହି.ସ): ଭଦ୍ରକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଫେଲୋସିପ୍ ଓ ୱାନ୍ ଷ୍ଟପ ସେଣ୍ଟର ଆନୁକୁଲ୍ୟରେ ବିଶ୍ୱ ଶିଶୁ ନିର୍ଯାତନା ନିରାକରଣ ଦିବସ ୱାନ ଷ୍ଟପ୍ ସେଣ୍ଟର୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଫେଲୋସିପ୍ର ନିର୍ଦ୍ଦେଶକ ନାଟ୍ୟକାର ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଫେଲୋସିପ୍ର ବରିଷ୍ଠ ଉପଦେଷ୍ଟା ଅବଦୁଲ କାସିମ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସଂଗଠନର ସଭାନେତ୍ରୀ ପ୍ରଭାତୀ ଜେନା, ସମ୍ପାଦିକା ମମତା ଜେନା, ସମଗ୍ର ଶିକ୍ଷା ବାଳିକା ସଂଯୋଜିକା ଇପ୍ସିତା ଜେନା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ଅଧ୍ୟକ୍ଷ ପ୍ର. କମଳକାନ୍ତ ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ବିଜୟ କେତନ ସାହୁ, ଶିକ୍ଷକନେତ୍ରୀ ଚାରୁଲତା ମହାପାତ୍ର, ସାହିତ୍ୟିକା ଶାନ୍ତିଲତା ନାଗ, ଜମ୍ବୁବତୀ ଦାସ, ଶକୁନ୍ତଳା ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିଶୁ ନିର୍ଯାତନା, ବିଶେଷ କରି ଯୌନ ନିର୍ଯାତନା ଏକ ସାର୍ବଜନୀନ ଏବଂ ଆତଙ୍କ ସୃଷ୍ଟିକାରୀ ସମସ୍ୟା । ଏହାକୁ ଦୂର କରିବା ପାଇଁ ସାମାଜିକ ସଚେତନତା, ସୁରକ୍ଷା ପାଇଁ କୌଶଳ ଏବଂ ପରିବାର, ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ୍ଷେପ ଦରକାର । ଶିଶୁଙ୍କୁ ନ୍ୟାର୍ଯ୍ୟ ଅଧିକାର ଦେବା କ୍ଷେତ୍ରରେ ସରକାର, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ ମାନେ ଅଧିକରୁ ଅଧିକ ଭୂମିକା ଗ୍ରହଣ କରିବା ଆବଶ୍ୟକ । ଓଡ଼ିଶା ସରକାର ଜୁଲାଇ ୨୮ରେ ବିଧାନସଭାରେ ଶ୍ୱେତପତ୍ର ମାଧ୍ୟମରେ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ୨୦୧୭ ମସିହାରେ ଶିଶୁ ନିର୍ଯାତନା ୨୨୨୧ଟି ହୋଇଥିବା ବେଳେ ୨୦୧୮ରେ ଏହା ୨୫୦୨କୁ ବୃଦ୍ଧି ପାଇଥିଲା । ଆମ ଜିଲ୍ଲାରେ ନାବାଳିକା ବଳାତ୍କାର ଯେ କେବଳ ବାହାରେ ହେଉଛି ତାହା ନୁହେଁ, ନିଜର ପୈତୃକ ଗୃହରେ ହେଉଥିବା ନେଇ ଥାନାରେ ଅଭିଯୋଗ ହେଉଛି ଏବଂ ପରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀରେ ରଖା ଯାଉଛି । ଆମ ଜିଲ୍ଲା ଭଦ୍ରକରେ ୨୦୧୯ ମସିହାରେ ୧୨୦ଟି ଏବଂ ୨୦୨୦ ମସିହାରେ ଏ ପର୍ଯ୍ୟନ୍ତ ୩୯୪ଟି ଶିଶୁ ନିର୍ଯାତନା ମାମଲା ବିଭିନ୍ନ ଥାନାମାନଙ୍କରେ ରୁଜୁ ହୋଇ ସାରିଛି । ଏହାର ନିରାକରଣ ପାଇଁ ଜନ ସଚେତନା ହିଁ ମୁଖ୍ୟ ଚାବି । ବଳାତ୍କାର କେବେ ବି ପୁଲିସ କିମ୍ବା ସରକାରଙ୍କ ଦ୍ୱାରା ନିୟନ୍ତ୍ରଣ ହୋଇ ପାରିବ ନାହିଁ । ସମାଜରୁ ଶିଶୁ ନିର୍ଯାତନାକୁ ଦୂର କରିବା କ୍ଷେତ୍ରରେ ପିତାମାତା, ଶିକ୍ଷକ, ଗ୍ରାମ୍ୟ ମୁଖିଆ, ସାମାଜିକ କର୍ମୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେତେକ କ୍ଷେତ୍ରରେ ଆର୍ଥିକ ଅନଗ୍ରସରତା ଏଥିଲାଗି ଦାୟୀ ହେଉଥିବା ଦୃଷ୍ଟିରୁ ସମାଜରେ ଆର୍ଥିକ ସ୍ଥିତିର ଅଭିବୃଦ୍ଧି ହେବା ଦରକାର । ପରିସ୍ଥିତି ଯାହାବି ହେଉ ନା କାହିଁକି ସମାଜରୁ ଶିଶୁ ନିର୍ଯାତନା ଦୂର କରିବା ପାଇଁ ଆମେ ସମସ୍ତେ ଆଜି ନଭେମ୍ବର ୧୯ 'ବିଶ୍ୱ ଶିଶୁ ନିର୍ଯାତନା ନିରାକରଣ ଦିବସ'ରେ ଶପଥ ନେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ଶେଷରେ ଫେଲୋସିପ୍ର ସମ୍ପାଦକ ଫାରୁକ ଭାଇ ଧନ୍ୟବାଦ ଦେଇଥିବା ବେଳେ ୱାନ୍ ଷ୍ଟପ ସେଣ୍ଟର ଓ ଫେଲୋସିପ୍ର କର୍ମଚାରୀମାନେ ଏହାର ପରିଚାଳନା କରିଥିଲେ ।

# ଏମ୍. ଆରର୍କ ପଢ଼ିବା ପାଇଁ ରାଜ୍ୟରେ ଆଉ କୌଣସି ସୁବିଧା ନାହିଁ, ଓଜେଇଇ ଏନଟ୍ରାନ୍ସ ପରୀକ୍ଷା ଦେଇ ଆଶାୟୀ ଛାତ୍ରଛାତ୍ରୀ ନିରାଶ

## ଓଜେଇଇ କର୍ତୃପକ୍ଷ ଏନଟ୍ରାନ୍ସ ପରୀକ୍ଷା କଲେ କେମିତି ?

ବୌଦ୍ଧ,୨୦।୧୧ (ନି.ପ୍ର): ରାଜ୍ୟରେ ଏବେ ଆଉ ଏମ୍ ଆରର୍କ ପଢ଼ିବାର ସୁବିଧା ନଥିବାରୁ ଆଶାୟୀ ଛାତ୍ରଛାତ୍ରୀଙ୍କୁ ନିରାଶ ହେବାକୁ ପଡିଥିବା ବେଳେ ଏବେ ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହୋଇ ରାଜ୍ୟ ବାହାରକୁ ଯିବାକୁ ପଡିବ । ରାଜ୍ୟର ଅନେକ ଛାତ୍ରଛାତ୍ରୀଙ୍କ ଆର୍ଥିକ ସମ୍ବଳ ନଥିବା ସାଙ୍ଗକୁ ରାଜ୍ୟ ବାହରେ ରହି ପାଠପଢ଼ିବାର ସୁବିଧା ନଥିବାରୁ ଶହଶହ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାରୁ ବଂଚିତ ହେବେ । ରାଜ୍ୟରେ ଏମ୍ ଆରର୍କ କୋର୍ସରେ ନାମ ଲେଖାଇବା ପାଇଁ ଓଜେଇ କାଉଁନସେଲିଙ୍ଗ ଆରମ୍ଭ କରିଥିବା ବେଳେ ସେମାନଙ୍କ ତାଲିକାରୁ ଏମ୍ ଆରର୍କ ବାଦ ପଡିଛି । ଚଏସ ଫିଲିଙ୍ଗ ତାଲିକାରେ ନା ଅଛି କଲେଜର ନାମ ନା ଅଛି ଏମ୍ ଆରର୍କ କୋର୍ସର ନାମ । ରାଜ୍ୟରେ ଭୁବନେଶ୍ୱରର ସିଇଟି ଓ ରାଉରକେଲା ବିପିୟୁଟିରେ ପୂର୍ବରୁ ଏମ୍ ଆରର୍କ ପଢ଼ିବା ପାଇଁ ସୁବିଧା ରହିଥିବା ବେଳେ ଏଥର ସେହି କଲେଜ ଦ୍ୱୟର ନାମ ବାଦ ପଡିଛି । ଅଥଚ ଏମ୍ଆରର୍କ କୋର୍ସରେ ନାମ ଲେଖାଇବା ପାଇଁ ଓଜେଇଇ ପକ୍ଷରୁ ଏନ୍ଟ୍ରାନ୍ସ ପରୀକ୍ଷା କରାଯାଇଥିଲା । ଏନେଇ ଓଜେଇର ଯୋଗାଯୋଗ ପାଇଁ ଉଦ୍ଦିଷ୍ଟ ଫୋନ କାମ କରୁନଥିବାରୁ କିମ୍ବା ଅତ୍ୟଧିକ ବ୍ୟସ୍ତ ରହୁଥିବାରୁ ଛାତ୍ରଛାତ୍ରୀମାନେ ଯୋଗାଯୋଗ ମଧ୍ୟ କରିପାରୁନାହାନ୍ତି । ରାଜ୍ୟ ସରକାର ମେଧାବୀ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ପାଇଁ ରାଜ୍ୟରେ ସମସ୍ତ ସୁବିଧାସୁଯୋଗ ରହିଥିବା ଡିମଡିମି ପିଟୁଥିବା ବେଳେ ପ୍ରତିବର୍ଷ ବିଭିନ୍ନ କୋର୍ସ ବନ୍ଦକରୁଥିବା ଅଭିଯୋଗ ହେଉଛି । ଚଳିତ ବର୍ଷ ସିଇଟି କଲେଜରେ କେବଳ ଏମ୍.ପ୍ଲାନ , ଗାନ୍ଧୀ ଇନଷ୍ଟିଚ୍ୟୁଟରେ କନଷ୍ଟ୍ରକସନ ଟେକନୋଲୋଜି ଓ ପିଲୋ ମୋଦି କଲେଜରେ ଏକ୍ୟୁଜକ୍ୟୁଟିଭ ଏମ୍.ଆରର୍କ ରହିଅଛି । ମେଧାବୀ ଛାତ୍ରଛାତ୍ରୀମାନେ ଏମ୍ଆରର୍କ କୋର୍ସରେ ନାମ ଲେଖାଇବା ପାଇଁ ଓଜେଇଇ ପକ୍ଷରୁ କରାଯାଇଥିବା ଏନ୍ଟ୍ରାନ୍ସ ପରୀକ୍ଷା ଦେଇ ଏବେ ଭକୁଆ ସାଜିଛନ୍ତି । ରାଜ୍ୟରେ ଏବେ ଯଦି ଏମ୍ ଆରର୍କ ପଢ଼ିବାର ସୁବିଧା ନଥିଲା ତେବେ ଓଜେଇଇ କର୍ତୃପକ୍ଷ ଏନଟ୍ରାନ୍ସ ପରୀକ୍ଷା କଲେ କେମିତି ? ଏଦିଗରେ ଓଜେଇଇ ଓ ଉଚ୍ଚ ଶିକ୍ଷା ବିଭାଗ ଦୃଷ୍ଟି ଦେଇ ସମାଧାନ କରିବାକୁ ଛାତ୍ରଛାତ୍ରୀ ମହଲରେ ଦାବୀ ହେଉଛି ।

# କରୋନା ସାହାଯ୍ୟ ଦାବିରେ ସବୁଜ ପତ୍ରିକାଧାରୀଙ୍କ ବିକ୍ଷୋଭ

ଭୁବନେଶ୍ୱର,୨୦।୧୧ (ନି.ପ୍ର) : ସବୁଜ ପତ୍ରିକାଧାରୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଏବଂ କରୋନା ସାହାଯ୍ୟ ମାସିକ ୧୫ କିଲୋ ଚାଉଳ ଓ ୧ହଜାର ଟଙ୍କା ଦାବିରେ ଗୁରୁବାର ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ ଓ ରାସ୍ତାରୋକୋ ସହିତ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପୂର୍ବାହ୍ନରେ ସବୁଜ ପତ୍ରିକାଧାରୀମାନଙ୍କର ଏକ ଶୋଭାଯାତ୍ରା ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ବାହାରି ରାଜମହଲ ଛକ ପରିକ୍ରମା ପୂର୍ବକ ମାଷ୍ଟର କ୍ୟାଂଟିନଠାରେ ପହଂଚିଥିଲା । ସଂଘର ରାଜ୍ୟ ସଭାପତି ସୁର ଜେନା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ଆଗାମୀ ନଭେମ୍ବର ୨୬ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯିବା ସହିତ ସେଠାରେ ରାସ୍ତା ରୋକ ଆନ୍ଦୋଳନ କରାଯାଇଥିଲା । ବିକ୍ଷୋଭ ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି ସ୍ମାରକପତ୍ରରେ ସବୁଜ ପତ୍ରିକାଧାରୀଙ୍କୁ ମାସିକ ପେନସନ, ପରିଚୟପତ୍ର ପ୍ରଦାନ, ମୋ କୁଡ଼ିଆ ମୋ ଡିହ, ମଧୁବାବୁ ପେନସନ ଓ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରିବା, ସରକାରୀ-ବେସରକାରୀ ନିଯୁକ୍ତି ଓ ଶିକ୍ଷାନୁଷ୍ଠାନରେ ୧୦ ଭାଗ ସ୍ଥାନ ସଂରକ୍ଷଣ, ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର ପରେ ନିଃସନ୍ତାନମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ସରକାରୀ କର୍ମଚାରୀଙ୍କୁ ୨ଟି ଇନକ୍ରିମେଂଟର ଅର୍ଥ ପ୍ରଦାନ ପ୍ରଭୃତି ୧୨ ଦଫା ଦାବି ରହିଛି ।

# ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପାଇଁ ଦେଇଥିଲେ ଦାବି ପତ୍ର, ପୁଣି ସମର୍ଥନ କରି ଦେଲେ ଦାବିପତ୍ର



ଗୁଣୁପୁର,୨୦।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ଗୁଡ଼ାରୀ ବ୍ଲକର କରଲାଘାଟି ସରପଞ୍ଚଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥାକୁ ବିରୋଧ କରି, ସରପଞ୍ଚଙ୍କୁ ସମର୍ଥନ କରିଛନ୍ତି ୱାର୍ଡ ସଭ୍ୟ, ସଭ୍ୟା ଏବଂ ଗ୍ରାମବାସୀ । ରାୟଗଡ଼ା ଜିଲ୍ଲା ଗୁଡାରୀ ବ୍ଲକ କରଲାଘାଟି ସରପଞ୍ଚ ଅଲେଖ ହିକାବାଡିଙ୍କ ବିରୁଦ୍ଧରେ କିଛିଦିନତଳେ ୱାର୍ଡ ସଭ୍ୟ/ସଭ୍ୟା ଓ ଗ୍ରାମବାସୀ ମିଶି ଅନାସ୍ଥାପ୍ରସ୍ତାବ ଆଗତ କରିଥିଲେ । ସବୁ ୱାର୍ଡ ସଭ୍ୟ/ସଭ୍ୟାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମଧ୍ୟ ଗୁଣୁପୁର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ଏବେ ଏହା ଏକ ରୋଚକ ସ୍ଥିତିରେ ପହଞ୍ଚିଛି, ଗତକାଲି ବୁଧବାର ୧୮.୧୧.୨୦ରେ ୱାର୍ଡ ସଭ୍ୟ/ସଭ୍ୟା ଏକତ୍ରିତ ହୋଇ ମତବଦଳାଇ ଅନାସ୍ଥାକୁ ପ୍ରତ୍ୟାହାର କରିବାକୁ ପୁଣି ଏକପତ୍ର ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି । ସହକାରୀ ଜିଲ୍ଲାପାଳ ରୀନା ପ୍ରଧାନଙ୍କୁ ଏହି ଦାବୀପତ୍ର ପ୍ରଦାନ କରିଛନ୍ତି । ଏଭଳି ପରିବର୍ତ୍ତନରେ ସେମାନେ ପ୍ରକାଶ କରିଛନ୍ତି ଯେ କିଛିଲୋକ ସେମାନଙ୍କୁ ଧମକଚମକ ଦେଇ ବିଭ୍ରାନ୍ତି କରିଥିଲେ । ବର୍ତ୍ତମାନ ସେମାନେ ସରପଞ୍ଚ ଅଲେଖ ହିକାବାଡି ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଛନ୍ତି ଏବଂ ଭବିଷ୍ୟତରେ ଏଭଳି କୌଣସି ଅଭାବନୀୟ କାମ ହେବନାହିଁ ବୋଲି ପ୍ରକାଶ କରିଛନ୍ତି ।

# କ୍ଷତି ପୁରଣ ଦାବିରେ ତହସିଲଦାରଙ୍କୁ ଭେଟିଲେ ବାରୁଅ ଚାଷୀ

କେନ୍ଦ୍ରାପଡ଼ା,୨୦।୧୧ (ନି.ପ୍ର): ଗତ ଅଗଷ୍ଟ ମାସରେ ହୋଇଥିବା ଲଘୁଚାପ ଜନିତ ବର୍ଷା କ୍ଷତିଗ୍ରସ୍ତ ଚାଷୀମାନେ ତହସିଲଦାରଙ୍କୁ ଭେଟି କ୍ଷତିପୁରଣ ପାଇ ନଥିବା ଅଭିଯୋଗ କରିବା ସହ ବାରୋ ଆରଆଇ ଙ୍କ ଭୁଲ ରିପୋର୍ଟ ପାଇଁ ଅଂଚଳର ଚାଷୀମାନେ ସରକାରୀ ସହାୟତାରୁ ବଂଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଏନେଇ ପୂର୍ବରୁ ଚାଷୀମାନେ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆଜି ପୁନଃର୍ବାର ଜିଲ୍ଲାପାଳଙ୍କୁ ଭେଟି କ୍ଷୟକ୍ଷତିର ସଠିକ ଆକଳନ କରିବା ସହ କ୍ଷତିପୁରଣ ଦେବାର ବ୍ୟବସ୍ଥା କରିବା ପାଇଁ ନିବେଦନ କରିଛନ୍ତି । ତହସିଲଦାର ଙ୍କୁ କୁଳମଣି ବିଶ୍ୱାଳ, ରମେଶ ଚନ୍ଦ୍ର ପ୍ରଧାନ, ଅନାମ ଚରଣ ରାଉତ, ଅକ୍ଷୟ କୁମାର ରାଉତ, ଭରତ ବିଶ୍ୱାଳ, ଗୌତମ ଭୂୟାଁ, ଶଙ୍କରଷଣ ପଣ୍ଡା ଭେଟିଥିଲେ ।

# ମୌଳିକ ସୁବିଧାରୁ ବଂଚିତ ରାଣୀଗଡ଼ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

ଜୟପୁର,୨୦।୧୧ (ନି.ପ୍ର): ଜୟପୁର ଉପ ଜିଲାପାଳ ଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୌଳିକ ସୁବିଧାରୁ ବଂଚିତ ରାଣୀଗଡ ଗ୍ରାମବାସୀ । ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ରଣସପୁର ଗ୍ରାମ ପ ।ୟତର ରାଣୀଗଡ ଗ୍ରାମବାସୀ ସମାଜସେବୀ ବି. ହରି ରାଓ ଙ୍କ ନେତୃତ୍ୱରେ ପହଂଚି ଉପ ଜିଲାପାଳ ହେମକାନ୍ତ ସାୟ ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉପ ଜିଲାପାଳ ଙ୍କୁ ଦେଇଥିବା ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ରାଣିଗଡ ପ ।ୟତରେ ପ୍ରାୟ ୭୫ ପରିବାର ଆସବାସ କରୁଥିବା ବେଳେ ଏହି ଗ୍ରାମଟି ବୋରିଗୁମ୍ମା ବ୍ଲକ ଠାରୁ ପ୍ରାୟ ୨୪ କିମି ଦୁରରେ ଥିବା ବେଳେ ସେଥିମଧ୍ୟରୁ ୪ କିମି ରାସ୍ତା ଦୁର୍ଗମ ପାହାଡ ଦେଇ ପଥର ଉପରେ ଯିବାକୁ ପଡୁଛି । ଏହି ଗ୍ରାମରେ ଆଜି ଯାଏ ବିଜୁଳି ଆଲୁଅ ନାହିଁ, ପିଇବା ପାଣି ନାହିଁ । ଗ୍ରାମବାସୀ ମାନେ ଝରଣା ପାଣି ପିଇ ଜୀବନ ନିବାହ କରନ୍ତି । ପାହାଡର ଝରଣା ପାଣି ଉପରେ ହିଁ ନିର୍ଭର କରନ୍ତି । ହଠାତ କାହାର ଦେହ ଅସୁସ୍ଥ ହେଲେ ଗ୍ରାମ ଠାରୁ ୪ କମି ରାସ୍ତା ଖଟିଆରେ ବୁହା ହୋଇଯାନ୍ତି । ସରକାରଙ୍କ ଉନ୍ନତି ମୁଳକ କାଯ୍ୟ ଏଠାରେ ପହଂ ପାରୁ ନାହିଁ । ଗ୍ରାମବାସୀଙ୍କ ନିତିଦିନିଆ ଆବଷ୍ୟକିୟ ଜିନିଷ ୪ କିମି ପାହାଡିଆ ଚଲା ରାସ୍ତାରେ ଯିବାକୁ ପଡେ । ଆଜି ଯାଏ ରାଣିଗଡ ଗ୍ରାମବାସୀ ମୌଳିକ ଅଧିକାରରୁବ ିତ ହୋଇଥିବା ପ୍ରକାଶ କରିଛନ୍ତି । ଦାବି ପତ୍ର ଦେବା ସମୟରେ ଗ୍ରାମବାସୀ ମାନେ ମୌଳିକ ସୁବିଧାରୁ ବିିତ ହୋଇ ବହୁ କଷ୍ଟର ଜୀବନ ନିବାହ କରୁଥିବା କଥା କହିଥିଲେ । ଏନେଇ ଗତ ୨୯.୯.୨୦ ତାରିଖରେ ଏନେଇ ଦାବି କରାଯାଇଥିଲେ ମଧ୍ୟ ଆଜି କିଛି ପଦକ୍ଷେପ ନିଆଯାଇନଥିବା ଗ୍ରାମବାସୀ ମାନେ ପ୍ରକାଶ କରିଥିଲେ । ଓ ଆଜି ଯାଏ କୌଣସି ଅଧିକାରି ଉକ୍ତ ଗ୍ରାମକୁ ଆସିନଥିବା ମଧ୍ୟ ବାସ୍ପରୁଦ୍ଧ କଣ୍ଠ ରେ କହିଥିଲେ । ଏହା ଶୁଣି ଆଇଏସ ଉପ ଜିଲାପାଳ ହେକାନ୍ତ ସାୟ ମୁଁ ପାହାଡ ଚଡି ତୁମ ଗ୍ରାମକୁ ଆସିବି ବୋଲି ଗ୍ରାମବାସୀ ଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହା ଶୁଣି ଗ୍ରାମବାସୀ ମାନେ ଖୁସି ପ୍ରକଟ କରିଥିଲେ । ଏହା ସହ ବୋରିଗୁମ୍ମା ବିଡିଓ ଙ୍କ ସହ ଫୋନ ଯୋଗେ ଆଲୋଚନା କରି ତୁରନ୍ତ ରାଣିଗଡ ଗ୍ରାମର ବିକାଶ ପାଇ ପ୍ଲାନ କରିବାକୁ ଉପ ଜିଲାପାଳ ନିର୍ଦ୍ଦେଷ ଦେଇଥିଲେ । ତେଣୁ ପ୍ରଶାସନ ତୁରନ୍ତ ରାସ୍ତା, ବିଦ୍ୟୁତ ଓ ପିଇବା ପାଣିର ବ୍ୟବସ୍ଥା କରିବାକୁ ଦାବୀ ମେଟା ମୁଦୁଲି, ସବା ମୁଦୁଲି, ମଙ୍ଗୁଳି ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଦାବି ପତ୍ର ପ୍ରାଦନ କରିଥିଲେ । ଏହାର ନକଲ ମୁଖ୍ୟମନ୍ତ୍ରୀ,ଜିଲାପାଳ, ବୋରିଗୁମ୍ମା ବିଡିଓ ଙ୍କୁ ପ୍ରଦାନ କରାଯାଇଛି ।

# ବୀରମିତ୍ରପୁର ଥାନା ହାଜତରେ ଯୁବକର ମୃତ୍ୟୁ ଅଭିଯୋଗ ନେଇ ଉତେଜନା

ରାଉରକେଲା,୨୦।୧୧ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲା ନିକଟ ସୁନ୍ଦରଗଡ ପୁଲିସ ଜିଲ୍ଲାର ବୀରମିତ୍ରପୁର ଥାନା ହାଜତରେ ଜଣେ ୨୦ବର୍ଷର ଯୁବକର ମୃତ୍ୟୁ ଅଭିଯୋଗ ନେଇ ଆଜି ଥାନା ସମ୍ମୁଖରେ ଉତେଜନା ପ୍ରକାଶ ପାଇଥିବା ଖବର ମିଳିଛି । ମୃତ ଯୁବକର ନାମ ଏମ ଡି ତାରିକ ସଲିମ (୨୦) । ଏହି ଯୁବକକୁ ଗତ କାଲି କୁଆଡେ ପୁଲିସ ଜଣେ ଠିକାଦାରଙ୍କ ଅପହରଣ ମାମଲାରେ ପଚରା ଉଚରା କରିବାକୁ ଆଣିଥିଲା । ତେବେ ଆଜି ସକାଳୁ ମୃତ ଯୁବକ କୌଣସି ଉତର ନଦେବାରୁ ତାକୁ ଡାକ୍ତରଖାନାକୁ ନିଆଜିବାରୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିବା ଖବର ମିଳିଛି । ତେବେ ଏହି ଖବର ପ୍ରଚାର ହେବାରୁ ଯୁବକର ପରିବାର ବର୍ଗ ଓ ସେମାନଙ୍କ ସମର୍ଥକ ମିଳି ମିଶି ପାଟି ତୁଣ୍ଡ କରିବା ସହ ସେଠାରେ ଅନ୍ୟ ଲୋକ ମାନେ ପହଁଚି କଥା କଣ ବୁଝିବାକୁ ଚାହିଁଥିଲେ । ତୁରନ୍ତ ସେଠାରେ ୫ପ୍ଲାଟୁନ ପୁଲିସ ପହଁଚି ଲୋକଙ୍କୁ ଘଉଡାଇଦେଇ ଯୁବକର ମୃତ ଶରୀରକୁ ବରାଉରକେଲା ଆରଜିଏଚ ପଠାଇ ଦିଆଯାଇଛି । ମୃତକର ଶରୀରରେ ମାଡ ଦାଗ ଥିବା ଅନେକ କହୁଥିବା ବେଳେ ପୁଲିସର ମାଡରେ ତାର ମୃତ୍ୟୁ ହୋଇଥିବା ସହରରେ ଅଭିଯୋଗ ହେଉଛି । ସେପଟେ ତାର ପରିବାର ବର୍ଗ ଏଯାଏ କୌଣସି ଲିଖିତ ଅଭିଯୋଗ କରିଥିବାର ଖବର ମିଳିନଥିଲେ ବି ,ଘଟଣା ସ୍ଥଳରେ ଏସପି ସନ୍ଦରଗଡ ଓ ଡିଆଇଜି ପହଁଚି ସ୍ଥିତି ଅନୁଧାନ କରିଛନ୍ତି । ବୀରମିତ୍ରପୁର ଥାନା ପ୍ରଥମେ ଏକ ଦୁସ୍କର୍ମ ମାମଲା ନେଇ ଚର୍ଚ୍ଚାରେ ଥିବା ବେଳେ ଥାନାର ଜଣେ ଅଧିକାରୀଙ୍କର ବ୍ୟକ୍ତିଗତ ମାମଲା ନେଇ ଚର୍ଚ୍ଚାରେ ଥିଲା ।ସେହି ସବୁ କଥା ଲୋକଙ୍କ ମନରୁ ନଲିଭୁଣୁ ପୁଣି ଏହି ଘଟଣା ଏହି ଥାନାକୁ ଅଧିକ ଆଲୋଚନା ଭିତରକୁ ଆଣିଛି । ତେବେ ଯୁବକ ଜଣକର କିଭଳି ମୃତ୍ୟୁ ହେଲା ସେନେଇ ପୋଷ୍ଟମର୍ଟମ ପରେ ଜଣା ପଡିବ ବୋଲି ମତ ପ୍ରକାଶ ପାଇଛି ।

# ମିଳୁନି ବିଦ୍ୟୁତ୍ ସଂଯୋଗ, ଅନ୍ଧାର ରେ ପରିବାର

କେନ୍ଦ୍ରାପଡ଼ା,୨୦।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଧିନ ମାଟିଆ ତିନିମୁହାଣୀ ଗ୍ରାମର ଅଧିବାସୀ ମାନେ ବିଦ୍ୟୁତ୍ ସଂଯୋଗ ପାଇ ନଥିବାରୁ ଗୁରୁବାର ଜିଲ୍ଲା ପ୍ରଶାସନକୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ବିପିଏଲ କାର୍ଡଧାରୀ ଏହି ଗ୍ରାମବାସୀ ମାନେ ଏନେଇ ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ଅଫିସ ଓ ଜିଲ୍ଲାପାଳଙ୍କୁ ପୂର୍ବରୁ ନିବେଦନ କରିଥିଲେ ମଧ କୌଣସି ସୁଫଳ ମିଳି ନାହିଁ । ବିଶେଷକରି ବିଦ୍ୟୁତ୍ ଅଭାବରୁ ପିଲାମାନେ ଲଣ୍ଠନରେ ପାଠ ପଢିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉପଯୁକ୍ତ ତଦନ୍ତ କରାଯାଇ ବିଦ୍ୟୁତ୍ ସରବରାହ ଯୋଗାଇ ଦେବାକୁ ବାବାଜୀ ମଳିକ, ନିତ୍ରା ମଳିକ, ନାରାୟଣ ମଳିକ, ମମତା ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।

# ବ୍ରହ୍ମପୁରରେ ମାସ୍କ ନ ପିନ୍ଧିଥିବା କାରଣରୁ ୮୫ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିବା କାରଣରୁ ମୋଟ ୮୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ବ୍ରହ୍ମପୁର ପୋଲିସ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

# ମୋ ଖତ ଯୋଜନାରେ ଖୋଲା ହେଲା ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ର




ବାରିପଦା,୨୦।୧୧ (ନି.ପ୍ର): ବାରିପଦା ସହର ହେବ ଆବର୍ଜନା ମୁକ୍ତ । ଏହି ଲକ୍ଷ୍ୟ ନେଇ ବାରିପଦାର ରଘୁନାଥପୁର ଠାରେ ଖୋଲା ହେଲା ମୋଖତ ଯୋଜନାରେ ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ର । ମୟୁରଭ ଜିଲ୍ଲା ପ୍ରଶାସନର ଏହା ଏକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ । ବାରିପଦା ସହର ମଧରେ ଅଳିଆ ଆବର୍ଜନା କିମ୍ବା ରାସ୍ତା ଘାଟରେ ହେଉଥିବା ଅପରିଷ୍କାର ଉପରେ ରୋକ ଲଗାଇବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ ହୋଇଥିବା ବେଳେ, ମୟୂରଭ ଜିଲ୍ଲା ପ୍ରଶାସନ ଓ ବାରିପଦା ପୌରପରିଷଦ ତରଫରୁ ଜିଲ୍ଲାର ସଦର ମହକୁମା ବାରିପଦା ପୌରପାଳିକା ଅନ୍ତର୍ଗତ ରଘୁନାଥପୁର ଠାରେ ଏହା ଖୋଲା ଯାଇଛି । ଏହି ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ରକୁ ମଙ୍ଗଳବାର ଦିନ ଅନୁଷ୍ଠାନିକ ଭାବେ ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଉଦଘାଟନ କରିଛନ୍ତି । ଏଠାରେ ବାରିପଦା ପୌରପାଳିକାର ସମସ୍ତ ୱାର୍ଡ ମାନଙ୍କରୁ ଆଳିଆ ସଂଗ୍ରହ ଯାନ ଦ୍ୱାରା ସଂଗ୍ରହ କରାଯାଉଥିବା ଉଭୟ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ଖତ ପ୍ରସ୍ତୁତ କରାଯିବ । ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରାଯାଇ ଓଦା ବର୍ଜ୍ୟବସ୍ତୁରୁ ଖତ ପ୍ରସ୍ତୁତ କରାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯିବ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ପୁନଃ ବ୍ୟବହାର ଉପଯୋଗୀ କରାଯିବ । ଏହା ଦ୍ୱାରା ସହରର ପରିବେଶ ସବୁଜ ସୁନ୍ଦର ରହିବା ସହିତ ବେକାର ଥିବା ଯୁବକ ଯୁବତୀ ମାନେ ଏହି ଖତ ପ୍ରକ୍ରିୟାକରଣ କେନ୍ଦ୍ର ଦ୍ୱାରା ରୋଜଗାରକ୍ଷମ ହୋଇପାରିବେ ବୋଲି ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜ କହିଛନ୍ତି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଉପଜିଲ୍ଲାପାଳ ତଥା ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭବେଶ କୁମାର ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ବାରିପଦା ପୌରପାଳିକାର ଅନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ପୁରୀ ହାଜତ ମୃତ୍ୟୁ ଘଟଣାରେ ୧ କୋଟି ଟଙ୍କାର କ୍ଷତିପୂରଣ ଦିଅନ୍ତୁ ସରକାର : ବିଜେପି

## ଲୋକଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିବା ପୋଲିସ ଆଜି ହତ୍ୟାକାରୀ ପାଲଟିଛି :ପ୍ରଦୀପ୍ତ ନାଏକ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ପୁରୀ ହାଜତରେ ଜଣେ ଯୁବକଙ୍କୁ ପୋଲିସ ପିଟି ପିଟି ହତ୍ୟା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ । ଗତ ରାତିରେ ସଂପୃକ୍ତ ଯୁବକଙ୍କୁ ଘରୁ ପୋଲିସ ଉଠାଇ ଆଣିବା ପରେ ଆଜି ତାଙ୍କର ମୃତ୍ୟୁ ହେବା,ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର ନକରିବା ଏବଂ ଶବଦାହ କରିବା ବେଳେ ଦସ୍ତଖତ ବଦଳରେ ଟିପ ଚିହ୍ନ ଲଗାଇ ଘଟାଣକୁ ଚପାଇ ଦେବାର ଅପଚେଷ୍ଟା କରାଯାଇଛି ବୋଲି ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଅଭିଯୋଗ କରିଛନ୍ତି । ବିରୋଧୀ ଦଳ ନେତାଙ୍କ ନେତୃତ୍ୱରେ ବିଜେପି ବିଧାୟକ ପ୍ରତିନିଧୀ ଦଳ ପୁରୀ ଗସ୍ତ କରି ପୀଡିତ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣାର ସରଜମିନ ତଦନ୍ତ କରିଛି । ଏହି ଘଟଣାରେ ପୋଲିସ ଦାୟୀ ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଛି । ବିରୋଧୀ ଦଳ ନେତା ଶ୍ରୀ ନାଏକ ଆଜିର ଦିବସକୁ କଳା ଦିବସ ବୋଲି କହିବା ସହ ରାଜ୍ୟସରକାର ପୀଡିତ ପରିବାରକୁ ୧ କୋଟି ଟଙ୍କା ଆର୍ଥୀକ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି । ଏହି ଘଟଣାରେ ସଂପୃକ୍ତ ପୋଲିସଙ୍କ ବିରୁଦ୍ଧରେ ୩୦୨ ଦଫା ଲଗାଇ ଗିରଫ କରାଯାଉ । ପୋଲିସର ଏପରି ଦାୟୀତ୍ୱହୀନତା ଏବଂ ଅମାନବୀୟ କାର୍ଯ୍ୟପାଇଁ ପୁରୀ ଏସପିଙ୍କୁ ତୁରନ୍ତ ନିଲମ୍ବନ କରିବା ପାଇଁ ଶ୍ରୀ ନାଏକ ଦାବି କରିଛନ୍ତି । ଏହି ପ୍ରତିନିଧୀ ଦଳରେ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ମୁଖ୍ୟ ସଚେତକ ମୋହନ ମାଝୀ, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ବ୍ରହ୍ମଗିରୀ ବିଧାୟକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉଦଳା ବିଧାୟକ ଭାସ୍କର ମଢ଼େଇ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ସମେତ ବିଜେପି ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମୟୁରଭଂଜ ପୋଲିସ ଦ୍ୱାରା କୋଭିଡ-୧୯ ସଚେତନତା କାର୍ଯ୍ୟକ୍ରମ

## ମୟୁରଭଂଜ କଲେଜ ଅଫ୍ ଏକାଉନେଟନସି ଏଣ୍ଡ ମେନେଜମେଂଟର ଏନ.ଏସ.ଏସ. ସ୍ୱେଚ୍ଛାସେବୀମାନଙ୍କର ସକ୍ରିୟ ଅଂଶ ଗ୍ରହଣ



ବାରିପଦା ,୨୦।୧୧ (ନି.ପ୍ର): ମୟୁରଭଂଜ ପୋଲିସ ପ୍ରଶାସନ ଦ୍ୱାରା କୋଭିଡ-୧୯ ସଚେତନତା କାର୍ଯ୍ୟକ୍ରମ ବାରିପଦା ସହରରେ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ମହାରାଜପୁରସ୍ଥିତ ମୟୁରଭ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ଏ ନ . ଏ ସ . ଏ ସ . ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତିଙ୍କ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ସହରର ବିଭିନ୍ନ ସ୍ଥାନରେ ମାସ୍କ ଏବଂ ସାନିଟାଇଜର ବଂଟନ କରିବା ସହିତ ଜନସାଧାରଣଙ୍କୁ ସଚେନତ କରାଇଥିଲେ । ପ୍ରାରମ୍ଭରେ ଏ ମ . ସି . ଏ . ଏ ମ . ର ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ମୀରା ସେନାପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ ପାରମାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ସ୍ମିଥ ପାରମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିବା ସହିତ ପୋଲିସ ପ୍ରଶାସନ ତରଫରୁ କୋରନା ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁଳ ଭାବରେ ଜିଲ୍ଲା ପୋଲିସ କର୍ମଚାରୀ, ମୟୁରଭ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ଏନ.ଏସ.ଏସ. ସ୍ୱେଚ୍ଛାସେବୀ ସଂଗୀତା ସରେନ, ଗଗନ ମହାନ୍ତ, ଜଗନ ନାଏକ, ରାମକୃଷ୍ଣ ଦେ, ରାହାତ କୁମାର ବେହେରା, ସୁଭମ ସିଂ ଓ ମହାବିଦ୍ୟାଳୟର ଅନ୍ୟତମ ପ୍ରୋଗ୍ରାମ ଅଫିସର ବିଜୟା ନାୟକ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ. ଆଲବାରଟିନା ଟିର୍କିସହିତ ସ୍ୱେଚ୍ଛାସେବୀ ସୁଭମ ପ୍ରସାଦ, ଦୀପକ ଗିରି, ସତ୍ୟଭାମା ଦାସ, ପଲ୍ଲଭୀ ଦାସ, ପ୍ରିୟଙ୍କା ଦାସ ଓ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଏନ.ଏସ.ଏସ. ମୁକ୍ତ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ସ୍ମୃତି ରଂଜନ ଦାସ ଏବଂ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଏନ.ଏସ.ଏସ. କୋ-ଅଡିନେଟର ଉଷା ଶତପଥୀ, ଚନ୍ଦନ ସେଜପଡା, ଜିଲ୍ଲା ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଶୁଭେନ୍ଦୁ ଦାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସହର ପରିକ୍ରମା କରିଥିଲେ । ଜିଲ୍ଲା ପୋଲିସ ପ୍ରଶାସନ ଏବଂ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏନ.ଏସ.ଏସ.ସ୍ୱେଚ୍ଛାସେବୀମାନଙ୍କର ସଚେତନତା କାର୍ଯ୍ୟକ୍ରମକୁ ଜନସାଧାରଣ ବେଶ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥିଲା ।

## ପରିବହନ ଶ୍ରମିକଙ୍କ ଧାରଣା

ଭୁବନେଶ୍ୱର,୨୦।୧୧ (ନି.ପ୍ର): ରାଜ୍ୟର ପରିବହନ ଶ୍ରମିକ ମାନଙ୍କ ସର୍ବନିମ୍ନ ଦାବି ପୂରଣ ପାଇଁ ଆଜି ବିଧାନସଭା ଆଗରେ ଅଲ୍ ଓଡ଼ିଶା ଟ୍ରାନ୍ସପୋର୍ଟ ଓ୍ୱାର୍କର୍ସ ଫେଡ଼େରେସନ ପକ୍ଷରୁ ଧାରଣା ଦିଆଯାଇଥିଲା । ଫେଡ଼େରେସନର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ସମ୍ପାଦକ ଉଲ୍ଲାସ ସ୍ୱାଇଁ, ଶିଶିର ଲେଙ୍କା, ବଦ୍ରୀ ନାରାୟଣ ଦାସ, ଗିରିଶ ମହାରଣା, ପ୍ରଭାତ ପାଣିଗ୍ରାହୀ, ନିରଂଜନ ବେହେରା ପ୍ରମୁଖ ଉପସ୍ଥିତ ଶ୍ରମିକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସଭାପତି ଜନାର୍ଦ୍ଦନ ପତି ତାଙ୍କ ବକ୍ତବ୍ୟରେ କହିଲେ ଯେ, ପରିବହନ ଶ୍ରମିକ ମାନଙ୍କ ପାଇଁ ଓ ସେମାନଙ୍କ ପରିବାର ଲୋକଙ୍କୁ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ପରିବହନ ଶ୍ରମିକ କଲ୍ୟାଣ ବୋର୍ଡ଼ ଓ କଲ୍ୟାଣ ପାଣ୍ଠି ଗଠନ କରାଯାଉ । ଏହି ଅର୍ଥରୁ ପରିବହନ ଶ୍ରମିକ ମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ନିର୍ମାଣ ପାଇଁ ସାହାଯ୍ୟ ଦିଆଯାଉ । କରୋନା ସମୟରେ ପରିବହନ ଶ୍ରମିକମାନେ ରୋଜଗାର ହରାଇଛନ୍ତି । ସେମାନଙ୍କୁ ମାସକ ୭୫୦୦ ଟଙ୍କା ଲେଖାଏଁ ଛଅମାସ ପାଇଁ ୪୫,୦୦୦ ଟଙ୍କା ଓ ମୁଣ୍ଡପିଛା ୧୦ କିଲୋ ଚାଉଳ ୬ ମାସ ପାଇଁ ଦିଆଯିବା ଆବଶ୍ୟକ । ସମସ୍ତ ପରିବହନ ଶ୍ରମିକ ମାନଙ୍କୁ ୫୦ ଲକ୍ଷ ଟଙ୍କାର ଜୀବନ ବୀମା କରାଯାଉ । ସେ କହିଲେ ଯେ, କେନ୍ଦ୍ର ସରକାର ଦେଶର କୋଟି କୋଟି ଶ୍ରମିକ ମାନଙ୍କୁ କ୍ରୀତଦାସରେ ପରିଣତ କରିବା ପାଇଁ ଶ୍ରମ ଆଇନକୁ ପରିବର୍ତନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଏହି ଜଘନ୍ୟ ପଦକ୍ଷେପ ବିରୋଧରେ ଆସନ୍ତା ୨୬ ତାରିଖ ଦିନ ସାରା ରାଜ୍ୟରେ ଧର୍ମଘଟ ପାଳନ କରିବାକୁ ସେ ଆହ୍ୱାନ ଦେଇଥିଲେ । ସେଦିନ ରାଜ୍ୟରେ ସମସ୍ତ ବସ୍, ଟ୍ରକ୍, ଟ୍ୟାଙ୍କର, ଡମ୍ଫର, ଟ୍ୟାକ୍ସି, ଅଟୋରିକ୍ସା ଚଳାଚଳ ବନ୍ଦ ରହିବ । ସମସ୍ତ ପରିବହନ ଶ୍ରମିକ ଏହି ଆନ୍ଦୋଳନକୁ ସଫଳ କରିବାକୁ ସେ ନିବେଦନ କରିଥିଲେ ।

## ରାୟଗଡ଼ ଜିଲ୍ଲା ସର୍ବଶିକ୍ଷା ଅଭିଯାନକୁ ଶକ୍ତ ଧକ୍କା: ବନ୍ଦ ହେବ ୪୧୮ ସ୍କୁଲ

ରାୟଗଡା ,୨୦।୧୧ (ନି.ପ୍ର): ରାଜ୍ୟ ସରକାରଂକ ନୂତନ ଶିକ୍ଷା ନୀତି ଅନୁଯାୟୀ ରାୟଗଡା ଜିଲ୍ଲାର ସର୍ବଶିକ୍ଷା ଅଭିଯାନ ପାଇଁ ଏକ ଶକ୍ତ ଧକ୍କା ହୋଇଚି । ଆଦିବାସି ଅଧ୍ୟୁଷିତ ଜିଲ୍ଲା ଭାବେ ରାୟଗଡା ଜିଲ୍ଲା ପରିଚିତ । ଜିଲ୍ଲାରେ ଶିକ୍ଷାର ଅଭିବୃଦ୍ଧି ପାଇଁ ସରକାର ବିଭିନ୍ନ ଯୋଜନାର ପ୍ରଚଳନ କରୁଛନ୍ତି ଏବଂ ଆହୁରି ଅନେକ ପରିକଳ୍ପନା ମଧ ରହିଛି । ଏଥି ମଧରେ ସରକାରଂକ ନୂତନ ଶିକ୍ଷା ନୀତି ଅନୁଯାୟୀ ଯେଉ ବିଦ୍ୟାଳୟ ରେ ୨୦ ରୁ କମ ଛାତ୍ର ଛାତ୍ରୀ ଅଛନ୍ତି ସେହି ସବୁ ବିଦ୍ୟାଳୟକୁ ବନ୍ଦ କରାଯାଇ ପିଲାଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ । ରାୟଗଡ଼ା ଜିଲ୍ଲା ସର୍ବ ଶିକ୍ଷା ଅଭିଯାନ ର ୪୧୮ ଟି ବିଦ୍ୟାଳୟ ବନ୍ଦ ହୋଇଯିବ । ଇତିହାସ ରଚିବ ରାୟଗଡାର ଏହି ୪୧୮ ବିଦ୍ୟାଳୟ । ୨୦ ରୁ କମ ଉପସ୍ଥାନ ଯୋଗୁଁ ଏହି ସମସ୍ତ ସ୍କୁଲ ବନ୍ଦ ନିଷ୍ପତ୍ତି ନେଇଛି ଶିକ୍ଷା ବିଭାଗ । ରାଜ୍ୟ ସରକାରଙ୍କ ନୂତନ ଶିକ୍ଷା ନୀତି ଅନୁଯାୟୀ, ୨୦ ରୁ କମ ସଂଖ୍ୟକ ଛାତ୍ରଛାତ୍ରୀ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି । ବନ୍ଦ ଅପେକ୍ଷାରେ ଥିବା ସ୍କୁଲର ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ସ୍କୁଲରେ ସାମିଲ କରି ଶିକ୍ଷାଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର । ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲ୍ଲାରେ ରହିଛି ୧୩୫୬ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଉଭୟ ଶିକ୍ଷା ଓ କଲ୍ୟାଣ ବିଭାଗର ୩୪ ହଜାର ୭୫୨ ଛାତ୍ରଛାତ୍ରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି । ୧୩୫୬ ସ୍କୁଲ ମଧ୍ୟରୁ ୪୯୮ ସ୍କୁଲରେ ୨୦ରୁ କମ ସଂଖ୍ୟକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଫଳରେ ଏହି ସ୍କୁଲ ଗୁଡିକୁ ବନ୍ଦ କରିବାକୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାନୁଯାୟୀ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ସର୍ଭେ କରି ରିପୋର୍ଟ ପଠାଯାଇଛି । ହେଲେ ୪୯୮ ସ୍କୁଲ ମଧ୍ୟରୁ ୮୦ ସ୍କୁଲକୁ ବାଦ ଦେବାକୁ ସର୍ବଶିକ୍ଷା ଅଭିଯାନ କର୍ତ୍ତୃପକ୍ଷ ସରକାରଙ୍କୁ ନିବେଦନ କରିଛନ୍ତି ।ଦୁର୍ଗମ ଓ ଅପହଞ୍ଚ ଇଲାକାରେ ୮୦ଟି ସ୍କୁଲ ରହିଥିବା ବେଳେ, ନିକଟରେ ଅନ୍ୟ କୌଣସି ସ୍କୁଲ ନାହିଁ । ଯଦି ଏହି ସ୍କୁଲ ଗୁଡ଼ିକ ବନ୍ଦ ହୁଏ ତାହାହେଲେ ଶହ ଶହ ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ ହେବେ । ଏନେଇ ଦୀର୍ଘ ବର୍ଷ ଧରି ଶିକ୍ଷାଦାନ କରି ଆସୁଥିବା ସ୍କୁଲ ଗୁଡିକରେ ତାଲା ଝୁଲିବା ସ୍ପଷ୍ଟ ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଅଭିଭାବକ ।ଅନ୍ୟପଟେ ପାରିପାର୍ଶ୍ୱିକ ସ୍ଥିତି କାରଣରୁ ଏହି ସ୍କୁଲ ଗୁଡିକ ବନ୍ଦ ନ କରିବାକୁ ସର୍ବଶିକ୍ଷା ଅଭିଯାନ ଦେଇଥିବା ପ୍ରସ୍ତାବ ରାଜ୍ୟ ସରକାର ଓ ଶିକ୍ଷା ବିଭାଗ ନିକଟରେ ବିଚାରଧୀନ ରହିଛି । ଓଡ଼ିଶାର ସମସ୍ତ ଜିଲ୍ଲାରେ ସରକାର ଏପରି ପଦକ୍ଷେପ ନେଇଛନ୍ତି । କିନ୍ତୁ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ସର୍ବାଧିକ ୪୧୮ ଟି ସ୍କୁଲ ରାୟଗଡା ଜିଲ୍ଲାରେ ବନ୍ଦ ହେବ ।୨୦୧୯-୨୦ ଶିକ୍ଷାବର୍ଷରେ ରାୟଗଡ଼ା ସହର ଭିତରେ ଏବଂ ପାଖରେ ଥିବା ୩ଟି ସ୍କୁଲକୁ ଶିକ୍ଷା ବିଭାଗ କମ ଉପସ୍ଥାନ ଦର୍ଶାଇ ବନ୍ଦ କରିଥିଲା । ଚଳିତବର୍ଷ ପୁଣି ଆଉ ୩ ସ୍କୁଲ ଅଣ୍ଟାରିଗୁଡା, ଡୁମାଗୁଡା, ମାରିଗୁଡା ବନ୍ଦ ହେବାକୁ ଯାଉଛି । ସେହିପରି ରାୟଗଡ଼ା ବ୍ଲକର ବହୁ ଗାଁରେ ମଧ ସ୍କୁଲ ବନ୍ଦ ହେବାକୁ ଯାଉଛି । ବନ୍ଦ ହେବାକୁ ଥିବା ସ୍କୁଲ ନିକଟରେ ଅନ୍ୟ ସ୍କୁଲ ନଥିଲେ ସେଠାକାର ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖି ପାଠ ପଢାଇବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ସର୍ବ ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଆନାସଚ୍ଛସିଆ କେରକେଟ୍ଟା ।

## ଗୋଟିଏ ଦିନରେ ୭୫୭ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୨୫୪୫

ଭୁବନେଶ୍ୱର,୨୦।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୫୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୨୫୪୫ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୦୨୭୯୬ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୮୦୮୮ ରହିଛି । ଆଜି ଚିହ୍ନଟ ହୋଇଥିବା ୭୫୭ ଜଣଙ୍କ ମଧ୍ୟରୁ ୪୩୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୨୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ସବୁଠାରୁ ଅଧିକ ୭୫ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୭୫ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୩୪ ଜଣ, ବରଗଡ଼ରୁ ୧୨ ଜଣ, ଭଦ୍ରକରୁ ୧୯ ଜଣ, ବଲାଙ୍ଗୀରରୁ ୩୫ ଜଣ ରହିଛନ୍ତି। 'ସେହିପରି କଟକରୁ ୬୭ ଜଣ, ଦେବଗଡ଼ରୁ ୧ ଜଣ, ଢେଙ୍କାନାଳରୁ ୯ ଜଣ, ଗଜପତିରୁ ୧ଜଣ, ଗଞ୍ଜାମରୁ ୧୩ ଜଣ, ଜଗତ୍‌ସିଂହପୁରରୁ ୪୨ ଜଣ, ଯାଜପୁରରୁ ୨୭ ଜଣ, ଝାରସୁଗୁଡ଼ାରୁ ୨୫ ଜଣ, କଳାହାଣ୍ଡିରୁ ୩୭ ଜଣ, କନ୍ଧମାଳରୁ ୪ ଜଣ, କେନ୍ଦ୍ରାପଡ଼ାରୁ ୨୯ ଜଣ, କେନ୍ଦୁଝରରୁ ୨୬ ଜଣ, ଖୋର୍ଦ୍ଧାରୁ ୭୦ ଜଣ, କୋରାପୁଟରୁ ୮ ଜଣ, ମାଲକାନଗିରିରୁ ୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୩ ଜଣ, ନବରଙ୍ଗପୁରରୁ ୧୦ ଜଣ, ନୟାଗଡ ଜିଲ୍ଲାରୁ ୬ ଜଣ, ନୂଆପଡ଼ାରୁ ୪୧ ଜଣ, ପୁରୀରୁ ୯ ଜଣ, ରାୟଗଡା ଜିଲ୍ଲାରୁ ୪ ଜଣ, ସମ୍ବଲପୁରରୁ ୩୫ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୫୨ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୪ ଜଣ ଚିହ୍ନଟ ହୋଇଛନ୍ତି।

## ଖୁବ୍ ଶୀଘ୍ର ସୀମା ବିବାଦର ସମାଧାନ ହେବ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ଆନ୍ଧ୍ର ଓ ଓଡିଶା ମଧ୍ୟରେ ସୀମା ବିବାଦ ପ୍ରସଙ୍ଗରେ ପ୍ରଶାସନିକ ସ୍ତରରେ ଆଲୋଚନା ଚାଲିଛି । ସ୍ଥାନୀୟ ଅଂଚଳରେ ଶାନ୍ତି ବଜାୟ ରଖିବା ପାଇଁ ଉଭୟ ରାଜ୍ୟର ସ୍ଥାନୀୟ ଜିଲ୍ଲାପାଳଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଛି ।ସ୍ଥାନୀୟ ଲୋକଙ୍କୁ ନେଇ ମଧ୍ୟ ଆଲୋଚନା ହୋଇଛି । ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି । ଅନ୍ୟପକ୍ଷରେ ଗୁଗୁଲ ମ୍ୟାପ୍ ରେ ଆନ୍ଧ୍ର ଦେଖାଇବା ମାମଲାରେ ବିଚାର କରାଯିବ ବୋଲି ସେ କହିଛନ୍ତି । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ସୀମା ବିବାଦ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିମିଶି ସମାଧାନ କରନ୍ତୁ । ଯଦି ସେପରି ନହୁଏ କୋରାପୁଟ ଜିଲ୍ଲାରେ ଅଶାନ୍ତି ସୃଷ୍ଟି ହେବ । ସେହିପରି ସୀମା ବିବାଦର ସମାଧାନ କରିବାକୁ ସରକାର କେବେ ତତ୍ପରତା ପ୍ରକାଶ କରିନାହାନ୍ତି । ତେଣୁ ରାଜ୍ୟର ସ୍ୱାର୍ଥ ପାଇଁ ଏ ପ୍ରସଙ୍ଗରେ ସର୍ବ ଦଳୀୟ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୪୩ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୨୦।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୪୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୮୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୬୩୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ଅକ୍ଷୟ ପ୍ରଧାନ ସ୍ମୃତି ସମାରୋହ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ସିପିଆଇର ପୂର୍ବତନ ରାଜ୍ୟ ସହ ସମ୍ପାଦକ ଅକ୍ଷୟ କୁମାର ପ୍ରଧାନଙ୍କ ବିଂଶତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଅକ୍ଷୟ ପ୍ରଧାନ ସ୍ମୃତି ସଂସଦର ଅଧ୍ୟକ୍ଷ ଦିବାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସଂସଦର ସମ୍ପାଦକ ମହେଶ୍ୱର ରାଉତଙ୍କ ପ୍ରାରମ୍ଭିକ ରିପୋର୍ଟ ପରେ ସାଂସଦ ସୁବାସ ସିଂହ, ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଓ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା; ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ଓ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ ଉଦ୍‌ବୋଧନ ଦେଇ ସାମ୍ପ୍ରଦାୟିକ ଫାସିବାଦ କବଳରୁ ଦେଶର ଧର୍ମ ନିରପେକ୍ଷତା, ଗଣତନ୍ତ୍ର ଓ ସମ୍ବିଧାନକୁ ରକ୍ଷା କରିବା ପାଇଁ ସମସ୍ତ ବାମପନ୍ଥୀ-ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହେବା ସଙ୍ଗେ ସଙ୍ଗେ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ନଭେମ୍ବର ୨୬ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ସକାଶେ ଆହ୍ୱାନ ହୋଇଥିଲେ ।

## ବରଗଡ କ୍ୟାନ୍ସର...

ହସ୍‌ପିଟାଲ୍ ପରିଚାଳନା ଏବଂ ପରିମଳ ବ୍ୟବସ୍ଥା ଉପରେ ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହି ହସ୍‌ପିଟାଲ୍‌କୁ ୫୦ ଶଯ୍ୟାବିଶିଷ୍ଟ କରିବା ପାଇଁ ପ୍ରସ୍ତାବ ରହିଛି । ରେଡିଓ ଥେରାପି ୟୁନିଟ୍ ନିମନ୍ତେ ଏଠାରେ ୧୦୦ ଫୁଟ ×୧୦୦ଫୁଟ ପରିମିତ ଅଚଳରେ ଏକ ବଙ୍କର ନିର୍ମାଣ କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ କ୍ୟାନସର ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଲଲାଟେନ୍ଦୁ ଷଡଙ୍ଗୀ, ଓଡ଼ିଶା ମେଡିକାଲ୍ କର୍ପୋରେସନ୍ ର ନିର୍ଦ୍ଦେଶିକା ଶ୍ରୀମତୀ ଯାମିନୀ ଷଡଙ୍ଗୀ, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଡାକ୍ତର ଓ ସଂପୃକ୍ତ ବିଭାଗର ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

## ଆଇନ ପ୍ରଣୟନ...

ବିଲ୍ - ୨୦୨୦ ଏବଂ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓଡ଼ିଶା ସମୁଦ୍ରୀୟ ବିଲ୍ - ୨୦୨୦ ଆଗତ କରିଥିଲେ । ସେହିପରି ଶିଳ୍ପ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓଡ଼ିଶା ଔଦ୍ୟୋଗିକ ଭିତିଭୂମି ଉନ୍ନୟନ ନିଗମ (ସଂଶୋଧନ) ବିଲ୍ ଆଗତ କରିଥିଲେ । ଏହି ସମସ୍ତ ବିଲ୍ ଗୁଡ଼ିକ ସମୟ ଏବଂ ତାରିଖ ଧାର୍ଯ୍ୟ କରିବା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଇବା ଲାଗି ଏକ ପ୍ରସ୍ତାବ ଆଗତ କରିଥିଲେ । ତାହା ମୌଖିକ ଭାବେ ଗୃହୀତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କରୋନା କଟକଣା ମଧ୍ୟରେ...

ସମେତ ବର୍ତମାନ କରୋନା ସଂକ୍ରମଣକୁ ଆଖି ଆଗରେ ରଖି ଅନୁଷ୍ଠିତ ସର୍ବଦଳୀୟ ବୈଠକର ନିଷ୍ପତି ଅନୁଯାୟୀ ଗୃହର ପୂର୍ବାହ୍ନର ବୈଠକରେ କୌଣସି କାର୍ଯ୍ୟ ସମ୍ପାଦନ କରା ଯିବ ନାହିଁ ଓ ଆଜିର କାର୍ଯ୍ୟସୂଚୀରେ ସ୍ଥାନିତ କାର୍ଯ୍ୟକ୍ରମ ଆଜିର ଅପରାହ୍ନ ସୂଚୀରେ ସମ୍ପାଦନ କରା ଯିବ । ତେବେ ଆଜିର ଏହି ବ୍ୟତିକ୍ରମ ଗୃହର ପରମ୍ପରା ଭାବେ ଗ୍ରହଣ କରା ଯିବ ନାହିଁ ବୋଲି ବାଚସ୍ପତି କହିଥିଲେ । ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଓ ହୋ ହାଲ୍ଲା ମଧ୍ୟରେ ରାଜ୍ୟ ଅର୍ଥ ମନ୍ତ୍ରୀ ଶ୍ରୀ ନିରଂଜନ ପୁଜାରୀ ୨୦୨୦-୨୧ ଆର୍ଥିକ ବର୍ଷର ସମୁଦାୟ ୧୧ ହଜାର ୨ ଶହ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି । ଏହା ପରେ ବିଧାନସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ଏହି ବଜେଟରେ ପ୍ରଶାସନିକ ବ୍ୟୟ ବାବଦକୁ ୨ ହଜାର ୨ ଶହ ୭୩ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୭ ହଜାର ୪ ଶହ ୩୮କୋଟି ଟଙ୍କା, ବିପର୍ଯ୍ୟୟ ପ୍ରଶମନ ପାଂଠି ବାବଦକୁ ୧ ହଜାର ୪ ଶହ ୮୪କୋଟି ଟଙ୍କା ଏବଂ ରାଜ୍ୟ ବଜେଟରୁ ସ୍ଥାନୀୟ ସଂସ୍ଥାକୁ ହସ୍ତାନ୍ତର ବାବଦକୁ ୫ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି ବୋଲି ମନ୍ତ୍ରୀ ଦର୍ଶାଇଛନ୍ତି । ସେ କହିଛନ୍ତି ଯେ ବକେୟା ରାଜସ୍ୱ ଆଦାୟ ଓ ସମ୍ବଳ ପ୍ରତ୍ୟାବର୍ତନ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ଏଥି ସହିତ ଅର୍ଥ ବ୍ୟବସ୍ଥାର ପୁନରୁଦ୍ଧାର ନିମିତ ପ୍ରାଥମିକତା କ୍ଷେତ୍ର ଗୁଡିକରେ ଅଧିକ ଖର୍ଚ ପାଇଁ ପ୍ରୟାସ ଜାରୀ ରଖା ଯାଇଛି । ଅର୍ଥ ବ୍ୟବସ୍ଥା ଓ ସମ୍ବଳ ଉପରେ ମହାମାରୀର ପ୍ରଭାବ ସତ୍ୱେ ପ୍ରାଥମିକତା କ୍ଷେତ୍ର ତଥା ଜନସାଧାରଣଙ୍କ ଜୀବନ- ଜୀବିକାର ସୁରକ୍ଷା ନିମିତ ଖର୍ଚରେ ସାଲିସ ନ କରି ବିତୀୟ ଉତରଦାୟୀ ଓ ବଜେଟ ପରିଚାଳନା ଅଧିନିୟମରେ ଧ୍ୟାର୍ଯ୍ୟ ହୋଇଥିବା ସମସ୍ତ ଆର୍ଥିକ ମାନଦଂଡ ହାସଲ କରିବା ପାଇଁ ରାଜ୍ୟ ଉଦ୍ୟମ ଜାରୀ ରଖିବ । କୋବିଡ ମହାମାରୀ ରାଜ୍ୟ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇବା ସହ ରାଜସ୍ୱ ଆଦାୟ ପ୍ରଭାବିତ ହୋଇଛି । ଲକ ଡାଉନ ଯୋଗୁ ଖର୍ଚର ଧାରା ମଧ୍ୟ ପ୍ରଭାବିତ ହୋଇଥିଲା । ପ୍ରଥମ ଛଅ ମାସ ଶେଷ ସୁଦ୍ଧା ମୁଖ୍ୟତଃ କେନ୍ଦ୍ରୀୟ ହସ୍ତାନ୍ତର କମି ଯାଇଥିବାରୁ ମୋଟ ରାଜସ୍ୱ ପ୍ରାପ୍ତି ପ୍ରାୟ ୬.୫ ପ୍ରତିଶତ ହ୍ରାସ ପାଇଛି । ଏହି ଅବଧି ମଧ୍ୟରେ ମହାମାରୀର ପ୍ରଭାବ ସତ୍ୱେ ରାଜ୍ୟର ରାଜସ୍ୱ ୧.୭ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦ ମସିହା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ରାଜସ୍ୱ ବଳକା ୬,୭୯୦ କୋଟି ଟଙ୍କା ଏବଂ ସମୁଦାୟ ଋଣଭାର ୯୭,୮୨୩ କୋଟି ଟଙ୍କା ଯାହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୧୬.୪ ପ୍ରତିଶତ । କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ସ୍ୱାସ୍ଥ୍ୟ, ଗ୍ରାମୀଣ ରୋଜଗାର ଏବଂ ଜୀବିକା, ଖାଦ୍ୟ ନିରାପତା, ଶିକ୍ଷା ମତ୍ସ୍ୟ ପଶୁ ସମ୍ପଦ ବିକାଶ, ଏମଏସଏମଇ, ହସ୍ତତନ୍ତ ବୟନ ଶିଳ୍ପ, ହସ୍ତ ଶିଳ୍ପ ଓ ଭିତିଭୂମି ଇତ୍ୟାତି କ୍ଷେତ୍ର ଗୁଡିକୁ ପ୍ରାଥମିକତା ଦିଆ ଯାଇଛି । କୋବିଡ ମୁକାବିଲା ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରର ସମସ୍ତ ଆବଶ୍ୟକତା ନିମିତ ସମସ୍ତ ଅର୍ଥ ମଧ୍ୟ ପ୍ରଦାନ କରା ଯାଇଛି ବୋଲି ସେ କହିଛନ୍ତି ।

## ବାୟୁ ପ୍ରଦୂଷଣ ପାଇଁ ...

ସେ ଯିବେ ବୋଲି ଜଣା ପଡ଼ିଛି । ଦିଲ୍ଲୀର ବାୟୁ ପ୍ରଦୂଷଣ ତାଙ୍କ ଆସ୍ଥମା ଏବଂ ଛାତି ସଂକ୍ରମଣ ଅବସ୍ଥାକୁ ଆହୁରି ବଢ଼ାଇ ଦେଇଛି । ଅଗଷ୍ଟରେ ଡାକ୍ତରଖାନାରୁ ଡିସଚାର୍ଜ ହେବା ପରେ ସୋନିଆ ଗାନ୍ଧୀ ଅଧିକ ଔଷଧ ଖାଉଛନ୍ତି ଏବଂ ଦିଲ୍ଲୀର ପ୍ରଦୂଷଣ ବଢୁଥିବା ହେତୁ ତାଙ୍କ ଛାତିରେ ସଂକ୍ରମଣ ବଢ଼ିବାକୁ ନେଇ ଡାକ୍ତରମାନେ ଚିନ୍ତିତ ଥିବା ଜଣା ପଡ଼ିଛି । ଏ ନେଇ ତାଙ୍କୁ ଦିଲ୍ଲୀ ଛାଡ଼ି କିଛି ଦିନ ପାଇଁ ବାହାରକୁ ଯିବାକୁ ପରାମର୍ଶ ଦିଆଯାଇଛି ।

## ଓଡିଶାର ୫ଟି ବ୍ଲକ...

ଭାରତର ବିକାଶ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଓଡ଼ିଶାକୁ ପୂର୍ବୋଦୟର ପେଣ୍ଟସ୍ଥଳି କରିବା ଦିଗରେ ଆମେ ଅଗ୍ରସର । ଏହି ଅଭିଯାନ ମହାନଦୀ ଅବବାହିକା ଓ ପାର୍ଶ୍ୱବର୍ତୀ ଅଂଚଳରେ ଅନ୍ୱେଷଣ, ଉତ୍ପାଦନ କାର୍ଯ୍ୟ ଏବଂ ହାଇଡ୍ରୋକାର୍ବନ ସଂରକ୍ଷଣ କରିବାରେ ଏକ ମାଇଲଖୁଂଟ ହେବ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆତ୍ମନିର୍ଭର ଭାରତ ପରିକଳ୍ପନାକୁ ସାକାର କରିବ । ଏହି ଭବ୍ୟ ସମାରୋହ ଆୟୋଜନ ପାଇଁ ଶ୍ରୀ ପ୍ରଧାନ ତୈଳ କମ୍ପାନୀ ଅଏଲ ଇଣ୍ଡିଆ ଲିମିଟେଡକୁ ଶୁଭେଚ୍ଛା ଜଣାଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶାର ମହାନଦୀ ଅବବାହିକା ଓ ପାର୍ଶ୍ୱବର୍ତୀ ଅଂଚଳ ଭାରତର ତୈଳ ମାନଚିତ୍ରରେ ଏକ ପ୍ରତିଷ୍ଠିତ ତଥା ଗୁରୁତ୍ୱପୂର୍ଣ୍ଣ ହାଇଡ୍ରୋକାର୍ବନ୍ ସଂରକ୍ଷଣ ସ୍ଥାନ ଭାବରେ ଉଭା ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଉନ୍ମୋଚିତ ହେଲା...

ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ କବି ଅଧ୍ୟାପକ ଡ. ରାଧାରଂଜନ ପଟ୍ଟନାୟକ, ଗାଳ୍ପିକ ଉଦୟ ନାରାୟଣ ଦାସ, ଅଭିନନ୍ଦନ ସାପ୍ତାହିକ ସମ୍ବାଦପତ୍ରର ସଂପାଦକ ଜଗଦୀଶ ମିଶ୍ର, ମୋତିଗଞ୍ଜ ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ ପରିଚାଳକ କବୀ ଚନ୍ଦନା ସାହୁ ଓ ବ୍ୟାଙ୍କର ଅନ୍ୟତମ ଅଧିକାରୀ କବି ମଦନମୋହନ ଦାସ, ଆଡ଼ଭୋକେଟ ଗୟାଧର କର, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀର ସଂପାଦକ କବି କାଳୀପଦ ପଣ୍ଡା, ଧ୍ୱନିପ୍ରତିଧ୍ୱନି ଓ 'ସାଗରିକା'ର ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା ଏବଂ ସାଗରିକାର ସଂପାଦିକା ସୈରିନ୍ଧ୍ରୀ ସାହୁ ପ୍ରମୁଖ ସାହିତ୍ୟ ପତ୍ରିକା ସାଗରିକାର ଦୀର୍ଘ ୩୫ବର୍ଷର ଜୟଯାତ୍ରାର ଆଲୋକପାତ କରିଥିଲେ ।

## ରାଜ୍ୟରେ ଆଉ ୧୬...

ସମ୍ବଲପୁର ଜିଲ୍ଲାର ୨-୨ ଜଣ ଥିବା ବେଳେ ବରଗଡ, ଜଗତସିଂହପୁର, ଝାରସୁଗୁଡା, ପୁରୀ ଓ ସୁବର୍ଣ୍ଣପୁର ଭ ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ବରଗଡ ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି। କଟକ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୭୪ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୫୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୩୯ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଜଗତସିଂହପୁର ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ହୋଇଛି । ଝାରସୁଗୁଡା ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ପୁରୀ ଜିଲ୍ଲାର ଜଣେ ୬୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ୪୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁବର୍ଣ୍ଣପୁର ଜିଲ୍ଲାର ୩୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସୁନ୍ଦରଗଡ ଜିଲ୍ଲାର ଜଣେ ୬୬ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୬୯ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୪୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୪୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ଜାନୁଆରୀ ୨ରେ...

କେବଳ ୮୦୮୫/- ମୂଲ୍ୟରେ ୭ ରାତି ଏବଂ ୮ ଦିନ ପାଇଁ ଏହା ସମସ୍ତ ଦେୟ ଅନ୍ତର୍ଭୁକ୍ତ ଟୁରିଷ୍ଟ ପ୍ୟାକେଜ୍ ଅଟେ, ଯାହାକି ୨ ଜାନୁୟାରୀରୁ ସ୍ଲିପର କ୍ଲାସ୍ ଟ୍ରେନ୍ ଯାତ୍ରା, ରହିବା, ଶାକାହାରୀ ଭୋଜନ, ପର୍ଯ୍ୟଟନ ବସ୍, ଏସକର୍ଟ, ସିକ୍ୟୁରିଟି ଗାର୍ଡ, ଭ୍ରମଣ ବୀମା ଇତ୍ୟାଦି ସହିତ ଉପରୋକ୍ତ ଗନ୍ତବ୍ୟସ୍ଥଳକୁ ପରିଦର୍ଶନ କରିପାରିବେ । ଆଇଆରସିଟିସି ୱେବସାଇଟ୍ - http://www.irctctourism.com ଏବଂ ଆଇଆରସିଟିସି ପର୍ଯ୍ୟଟନ ସୁବିଧା କେନ୍ଦ୍ରରୁ ଯାତ୍ରୀମାନେ ବୁକିଂ କରିପାରିବେ । ୫ ବର୍ଷରୁ କମ୍ ପିଲାଙ୍କ ପାଇଁ କୌଣସି ଦେୟ ଦେବାକୁ ନଥିବାବେଳେ ୫ ବର୍ଷରୁ ଅଧିକ ପିଲାଙ୍କ ପାଇଁ ପୂର୍ଣ୍ଣ ବୟସ୍କ ଭଡା ଦେବାକୁ ହେବ । ଏଥିପାଇଁ ସମସ୍ତ କୋଭିଡ୍-୧୯ ସତର୍କତା ଅବଲମ୍ବନ କରାଯିବ ଯେପରିକି ପର୍ଯ୍ୟାୟକ୍ରମେ ସାନିଟାଇଜେସନ୍, ହୋଟେଲ / ଧର୍ମଶାଳାର ପୂର୍ବ ସାନିଟାଇଜେସନ୍, ଲଗେଜ ସାନିଟାଇଜେସନ, ଥର୍ମାଲ୍ ସ୍କ୍ରିନିଂ ଦ୍ୱାରା ତାପମାତ୍ରା ଯାଂଚ, ସାନିଟାଇଜର ଏବଂ ମାସ୍କ ସହିତ କୋଭିଡ୍ କିଟ୍ ଯୋଗାଇ ଦିଆଯିବ ।

## ମୟୂରଭଂଜ ଜିଲ୍ଲାର...

ସେହିପରି ମହିଳା ଓ ଶିଶୁ ବିଭାଗ ଦ୍ୱାରା ଅନୁଷ୍ଠିତ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନୁସୟା ସାହୁ, ଭବିଷ୍ୟତରେ ଆହୁରି ପ୍ରଭାବି ଢଙ୍ଗରେ ଏହିସବୁ କାର୍ଯ୍ୟକ୍ରମ ମିଳିତ ଭାବେ ରୁପାୟନ କରିବା ପାଇଁ ସେ କହିଥିଲେ । ବାଲ୍ୟ ବିବାହ ମୁକ୍ତ ଘୋଷିତ ହୋଇଥିବା ଗ୍ରାମର ପଂଚାୟତ ସଦସ୍ୟ/ସଦସ୍ୟା ଯଥା ସରପଂଚ, ୱାର୍ଡ଼ ମେମ୍ବରମାନେ ତାଙ୍କ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଥିବାରୁ ପ୍ରଶାସନକୁ ସାଧୁବାଦ ଦେବା ସହିତ ଆଗାମୀ ଦିନରେ ସେହି ଗ୍ରାମରେ ଆଉ କୌଣସି ବାଲ୍ୟ ବିବାହ କରାଇନଦେବା ପାଇଁ ପ୍ରକାଶ କରିଥିଲେ ଏବଂ ଆଖପାଖ ଗ୍ରାମର ଲୋକଙ୍କୁ ମଧ ସଚେତନ କରିବାପାଇଁ ଏକ ଭୁମିକା ଗ୍ରହଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏହି ପ୍ରକ୍ରିୟାକୁ ନିରନ୍ତର ଜାରି ରଖି ନିଜ ପଂଚାୟତକୁ ସମ୍ପୂର୍ଣ୍ଣଭାବେ ବାଲ୍ୟ ବିବାହ ମୁକ୍ତ କରିବାପାଇଁ ସଂପୃକ୍ତ ଜନପ୍ରତିନିଧି ଘୋଷଣା କରିଥିଲେ । ବାଲ୍ୟ ବିବାହ ପରି ଏକ ସାମାଜିକ ବ୍ୟାଧିର ନିରାକରଣ ପାଇଁ ଏକ ସୁସ୍ଥ ବିକଶିତ ସମାଜ ଗଠନ ଦିଗରେ ଏହା ନିତାନ୍ତ ଜରୁରୀ । ବାଲ୍ୟ ବିବାହର ନିରାକରଣ ପାଇଁ ପ୍ରଶାସନ ତତ୍ୱାବଧାନରେ ଜିଲ୍ଲାର ସମସ୍ତ ଗ୍ରାମ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଏ ସଂପର୍କୀତ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାନ କରାଯାଇଆସୁଅଛି । ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତଥା ଅନ୍ୟାନ୍ୟ ସରକାରୀ ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲାସ୍ତରରେ ଯୋଜନା ପ୍ରସ୍ତୁତ କରାଯାଇ ଜନ ସଚେତନତା ପାଇଁ ବିଭିନ୍ନ ପଦକ୍ଷେପ ଯଥା:- ସାମୁହିକ ଶପଥ ପାଠ, ର୍‍ୟାଲି ଓ ସଚେତନତା ସଭା, କିଶୋରୀ ମାନଙ୍କର ତାଲିମ, ବାଲ୍ୟ ବିବାହକୁ ବନ୍ଦ କରିବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ପ୍ରଶାସନର ପ୍ରଭାବୀ ପଦକ୍ଷେପ ଓ ଗ୍ରାମବାସୀ ମାନଙ୍କର ଏଥିରେ ସକ୍ରୀୟ ଅଂଶ ଗ୍ରହଣ ଫଳ ସ୍ୱରୁପ ଗ୍ରାମବାସୀ ମାନେ ସଚେତନ ହୋଇ ଭବିଷ୍ୟତରେ ନିଜ ଗ୍ରାମରେ କୌଣସି ବାଲ୍ୟ ବିବାହ କରାଇନଦେବା ପାଇଁ ଗ୍ରାମବାସୀ ନିଷ୍ପତି ଗ୍ରହଣ କରିଛନ୍ତି । ଉପରୋକ୍ତ ଘୋଷିତ ୨୦ଟି ଗ୍ରାମରେ ବିଗତ ୨ ବର୍ଷ ମଧ୍ୟରେ ଗୋଟିଏ ବି ବାଲ୍ୟ ବିବାହ ହୋଇନାହିଁ କିମ୍ବା ଯଦି ପରିସ୍ଥିତି ଦେଖାଦେଇଛି, ଗ୍ରାମବାସୀମାନେ ତାକୁ ସଫଳତାର ସହିତ ବନ୍ଦ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ସଂପର୍କରେ ନିଜ ବକ୍ତବ୍ୟ ରଖିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାଏକ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଜିଲ୍ଲା ମଂଗଳ ଅଧିକାରୀ ଚିତରନ ମହାପାତ୍ର, ଶିଶୁ କଲ୍ୟାଣ ସମିତିର ଅଧକ୍ଷା ଶ୍ରୀମତୀ କୃଷ୍ଣକଳ୍ପନା ମହାନ୍ତି ଓ ସଦସ୍ୟମାନେ, ଚାଇଲ୍ଡ଼ ଲାଇନ୍‌ର ପ୍ରତିନିଧି ଓ ଜିଲ୍ଲା ଟାସ୍କ ଫୋର୍ସର ସଂପୃକ୍ତ ଥିବା ସାମାଜିକ ସଂଗଠନର ପ୍ରତିନିଧି ମାନେ ଏବଂ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ଓ ସୁପରଭାଇଜର ମାନେ ଯୋଗଦାନ କରିଥିଲେ । ସର୍ବ ଶେଷରେ ଶ୍ରୀଯୁକ୍ତ ପିତବାସ ବେହେରା, ଜିଲ୍ଲା ସଂଯୋଜକ, ଏକ୍‌ସନ୍‌ଏଡ୍, ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତଟ ରେଳପଥ ମଧ୍ୟଦେଇ ଚାଲିବ ୩ଟି ବିଶେଷ ଟ୍ରେନ

ଭୁବନେଶ୍ୱର,୨୦।୧୧ (ନି.ପ୍ର): ପୂର୍ବ ତଟ ରେଳପଥ ମଧ୍ୟ ଦେଇ ଆହୁରି ତିନି ଯୋଡ଼ା ବିଶେଷ ଟ୍ରେନ ଚଳାଚଳ କରାଇବାକୁ ନିଷ୍ପତି ନିଆଯାଇଛି। ଏଗୁଡ଼ିକ ହେଉଛି - ନାଗରକୋଏଲ-ଶାଳିମଓର-ନାଗରକୋଏଲ, ତ୍ରିଭାନ୍ଦ୍ରମ୍-ଶାଳିମଓର-ତ୍ରିଭାନ୍ଦ୍ରମ୍ ଏବଂ ଏର୍ଣ୍ଣାକୁଲମ-ପାଟନା-ଏର୍ଣ୍ଣାକୁଲମ ବିଶେଷ ଟ୍ରେନ । ସୂଚନା ଅନୁଯାୟୀ ୦୨୬୫୯ ନାଗରକୋଏଲ-ଶାଳିମଓର ସ୍ପେଶାଲ୍ ୨୨ ନଭେମ୍ବର ଠାରୁ ପ୍ରତ୍ୟେକ ରବିବାର ଦିନ ନାଗରକୋଏଲ ଠାରୁ ଅପରାହ୍ନ ୨ଟା୪୫ମିରେ ଛାଡିବ ଏବଂ ୦୨୬୬୦ ଶାଳିମାର-ନାଗରକୋଏଲ ସ୍ପେଶାଲ୍ ୨୫ ନଭେମ୍ବର ଠାରୁ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶାଳିମାରରୁ ପ୍ରତ୍ୟେକ ବୁଧବାର ଦିନ ରାତ୍ର ୧୧ଟା୫୦ମି.ରେ ଛାଡିବ । ସେହିପରି ୦୨୬୪୧ ତ୍ରିଭାନ୍ଦ୍ରମ୍-ଶାଳିମଓର ବିଶେଷ ଟ୍ରେନ ୨୮ ନଭେମ୍ବର ଠାରୁ ତ୍ରିଭାନ୍ଦ୍ରମରୁ ପ୍ରତ୍ୟେକ ଗୁରୁବାର ଏବଂ ଶନିବାର ଦିନ ଅପରାହ୍ନ ୪ଟା ୫୫ମି. ରେ ଛାଡିବ ଏବଂ ୦୨୬୪୨ ଶାଳିମଓର-ତ୍ରିଭାନ୍ଦ୍ରମ୍ ବିଶେଷ ଟ୍ରେନ ଶାଳିମାରରୁ ୧ ଡିସେମ୍ବର ଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଏବଂ ମଙ୍ଗଳବାର ଦିନ ରାତ୍ର ୧୧ଟା ୫୦ମି.ରେ ଛାଡିବ । ୦୨୬୪୩ ଏର୍ଣ୍ଣାକୁଲମ-ପାଟନା ବିଶେଷ ଟ୍ରେନ ଏର୍ଣ୍ଣାକୁଲମରୁ ୨୩ ନଭେମ୍ବର ଠାରୁ ପ୍ରତି ସୋମବାର ଓ ମଙ୍ଗଳବାର ଦିନ ଅପରାହ୍ନ ୫ଟା୫୫ମି.ରେ ଛାଡିବ ଏବଂ ୦୨୬୪୪ ପାଟନା-ଏର୍ଣ୍ଣାକୁଲମ ବିଶେଷ ଟ୍ରେନ ପାଟନା ଠାରୁ ୨୬ ନଭେମ୍ବର ଠାରୁ ପ୍ରତ୍ୟେକ ଗୁରୁବାର ଏବଂ ଶୁକ୍ରବାର ଦିନ ଅପରାହ୍ନ ୨ଟାରେ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଛାଡିବ । ଉଭୟ ପାର୍ଶ୍ୱରୁ ଉତ୍ପତି ଓ ଗନ୍ତବ୍ୟ ଷ୍ଟେସନ ମଧ୍ୟରେ ଉପରୋକ୍ତ ସମସ୍ତ ଟ୍ରେନ୍ ବିଶାଖାପାଟନମ୍, ବିଜୟନଗରମ, ଶ୍ରୀକାକୁଲମ୍ ରୋଡ୍, ପାଲାସା, ବ୍ରହ୍ମପୁର, ବାଲୁଗାଁ, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଏବଂ ଭଦ୍ରକ ଷ୍ଟେସନ ମାନଙ୍କ ଠାରେ ରହଣି କରିବ।

# ଦେଶରେ ୯୦୦ ସିବିଜି ପ୍ଲାଂଟ ପ୍ରତିଷ୍ଠା ପାଇଁ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ୮ ଏମଓୟୁ ସ୍ୱାକ୍ଷରିତ

## ଦେଶରେ ୫ ହଜାର ସିବିଜି ପ୍ଲାଂଟ ପ୍ରତିଷ୍ଠା ପାଇଁ ନିବେଶ ହେବ ୨ ଲକ୍ଷ କୋଟି: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦।୧୧ (ନି.ପ୍ର): କମ୍ପ୍ରେସଡ୍ ବାୟୋ ଗ୍ୟାସ(ସିବିଜି)କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ସତତ୍ କାର୍ଯ୍ୟକ୍ରମ ଅଧୀନରେ ୨୦୨୩-୨୪ ସୁଦ୍ଧା ଦେଶରେ ଲକ୍ଷ୍ୟ ରଖାଯାଇଥିବା ୫ ହଜାର ସିବିଜି ପ୍ଲାଂଟ ପ୍ରତିଷ୍ଠା କରିବା ପାଇଁ ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଏହି ସିବିଜି ପ୍ଲାଂଟ ଗୁଡିକରେ ଉତ୍ପାଦନ କ୍ଷମତା ୧୫ ଏମଏମଟି ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି । ଦେଶରେ ସିବିଜି ପ୍ଲାଂଟ ପ୍ରତିଷ୍ଠା କରିବା ଏବଂ ଏଥିପାଇଁ ଟେକ୍ନିଲୋଜି ସହଯୋଗ ପ୍ରଦାନ କରିବା ପରିପ୍ରେକ୍ଷୀରେ ଗୁରୁବାର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ୮ଟି ବୁଝାମଣା ପତ୍ର ବା ଏମଓୟୁ ସ୍ୱାକ୍ଷରିତ ହେବା ଅବସରରେ ଶ୍ରୀ ପ୍ରଧାନ ଏହି ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସତତ୍ କାର୍ଯ୍ୟକ୍ରମ ଅଧୀନରେ ଦେଶରେ ୯୦୦ ସିବିଜି ପ୍ଲାଂଟ ପ୍ରତିଷ୍ଠା କରିବା ପାଇଁ ଦେଶର ଅଗ୍ରଣୀ ଉର୍ଜା କମ୍ପାନୀ ଜେବିଏମ ଗ୍ରୁପ, ଆଦାନୀ ଗ୍ୟାସ, ଟୋରେଂଟ ଗ୍ୟାସ ସହ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଏମଓୟୁ ସ୍ୱାକ୍ଷରିତ ହୋଇଛି । ସେହିପରି ସିବିଜି କ୍ଷେତ୍ରରେ ଟେକ୍ନୋଲୋଜି ଯୋଗାଇ ଦେବା ପାଇଁ ଇଣ୍ଡିଆନ ଅଏଲ, ପ୍ରାଜ୍ ଇଣ୍ଡଷ୍ଟ୍ରି, ସିଇଆଇଡ଼ି କନ୍ସଲଷ୍ଟାଂଟ ଏବଂ ଭାରତ ବାୟୋ ଗ୍ୟାସ ଏନର୍ଜି ସହ ବିଭାଗୀୟ ମନ୍ତ୍ରଣାଳୟ ସହ ଚୁକ୍ତିସ୍ୱାକ୍ଷର ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର କେବଳ ଯୋଜନା ଆରମ୍ଭ କରିବା ନୁହେଁ ଯୋଜନାର ସଠିକ୍ କ୍ରିୟାନ୍ୱିୟନ ମଧ୍ୟ କରୁଛନ୍ତି । ଆଜି ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ଚୁକ୍ତିସ୍ୱାକ୍ଷର ଉର୍ଜା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବା ଏବଂ ସ୍ୱଚ୍ଛ ଇନ୍ଧନ ଉତ୍ପାଦନ କରିବା ଦିଗରେ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।





ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦


# ଉଦଳାରେ ରାଣୀ ଲକ୍ଷ୍ମୀବାଈଙ୍କର ୧୯୩ ତମ ଜୟନ୍ତୀ ପାଳିତ

ଉଦଳା,୨୦।୧୧ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଗୁଗୁଲମିଟ ମାଧ୍ୟମରେ ଝାନସୀରାଣୀ ଲକ୍ଷ୍ମୀବାଈଙ୍କର ୧୯୩ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ସ୍ମୃତିମୟୀ ଦାସ, ଶିକ୍ଷୟତ୍ରୀ ଶୋଭାବତୀ ଅତା, ପୁର୍ବତନ କାଉନ୍ସିଲର ମମତା ସାହୁ, ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ନାରୀ ସଂଗଠିକା ପାୟଲ ରାୟ, ସୁଜାତା ରାଉତ, ଅନିତା ସେଠୀ, ସାମ୍ବାଦିକା ଦିପ୍ତି ମିଶ୍ର, ସାଗରିକା ସାହୁ, ଅଶୋକ ଓତା, ସଂଗଠକ ମନୋରଂଜନ ମଲ୍ଲିକ, ସୁଶ୍ରୀ ପ୍ରଜ୍ଞାପରମିତା ମନ୍ତ୍ରୀ ଯୋଗ ଦେଇ ରାଣୀ ଲକ୍ଷ୍ମୀବାଈଙ୍କର ଅଦ୍ଭୁତ ପରାକ୍ରମ ଇଂରେଜ ଶାସନର ମୂଳଦୁଆକୁ କିପରି ଦୋହଲାଇ ଦେଇଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ତାଙ୍କର ଶୌର୍ଯ୍ୟ ଓ ବିରତ୍ୱର ଗାଥା ପ୍ରତିଟି ଭାରତୀୟ ହୃଦୟରେ ଦେଶଭକ୍ତିର ଭାବନା ଜାଗ୍ରତ କରିପାରୁଛି । ୧୮୫୭ରେ ଘଟିଥିବା ସିପାହୀ ବିଦ୍ରୋହ ଓ ରାଣୀଲକ୍ଷ୍ମୀବାୀଙ୍କର ଇଂରେଜ ସରକାରଙ୍କ ବିରୋଧରେ ଶଶସ୍ତ୍ର ଆନ୍ଦୋଳନ ଦେଶର ପ୍ରଥମ ସ୍ୱାଧିନତା ସଂଗ୍ରାମ ବୋଲି ଆଲୋଚକ ମାନେ ମତ ପ୍ରକାଶ କରିଥିଲେ । ଶିକ୍ଷୟତ୍ରୀ ରୁକ୍ମଣୀ ସାହୁ ବିରଙ୍ଗନା ଲକ୍ଷ୍ମୀବାଈଙ୍କ ଉଦେଶ୍ୟରେ ସ୍ୱରଚତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ଆଇନଜୀବି ସତ୍ୟବ୍ରତ ମ୍ରି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।




## ଆଜି ଭଦ୍ରକରୁ ୧୯ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୨୦।୧୧ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ନୂଆକରି ୧୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୭ହଜାର ୧୨୪। ସେହିଭଳି ୪ଜଣ ସୁସ୍ଥ ହେବା ପରେ ଜିଲ୍ଲାର ସୁସ୍ଥଙ୍କ ସଂଖ୍ୟା ହୋଇଛି ୬ହଜାର ୯୬୭। ଆଉ ୧୩୪ଜଣ ଆକ୍ରାନ୍ତ ସକ୍ରିୟ ରହିଛନ୍ତି। ଆଜିସୁଦ୍ଧା ମୋଟ ୧ ଲକ୍ଷ ୫୮ହଜାର ୬୩ଜଣଙ୍କ ନମୁନା ପରୀକ୍ଷା ହୋଇଛି। ଚିହ୍ନଟ ଆକ୍ରାନ୍ତମାନେ ହେଲେ ବାସୁଦେବପୁର ବ୍ଲକର ଅଡୁଆଁ ପଞ୍ଚାୟତର ଜଣେ, ଭଦ୍ରକ ବ୍ଲକର ଏରେଇଁ ପଞ୍ଚାୟତରୁ ଜଣେ, ରାହାଞ୍ଚ ପଞ୍ଚାୟତରୁ ଜଣେ, ଭଦ୍ରକ ପୌରପାଳିକାର ୫ ନଂ ୱାର୍ଡରୁ ଜଣେ, ଚାନ୍ଦବାଲି ବ୍ଲକର ନୂଆଗାଁ ପଞ୍ଚାୟତରୁ ୬ଜଣ, ତୋଟାପଡା ପଞ୍ଚାୟତରୁ ଜଣେ, ଧାମନଗର ବ୍ଲକର ରାଧାବଲ୍ଲଭପୁର ପଞ୍ଚାୟତରୁ ଜଣେ, ଦୋବଲ ପଞ୍ଚାୟତରୁ ଜଣେ, ଷୋହଡା ପଞ୍ଚାୟତରୁ ଜଣେ, ଧାମନଗର ଏନ୍ଏସିର ତାଳପଦା ପଞ୍ଚାୟତରୁ ଜଣେ, ତିହିଡଇ ବ୍ଲକର ବିଲଣଶ ପଞ୍ଚାୟତରୁ ଜଣେ, ମୁକୁନ୍ଦପୁର ପଞ୍ଚାୟତରୁ ଜଣେ, ଅଟକ ପଞ୍ଚାୟତରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ମୟୂରଭଂଜ ଜିଲ୍ଲାର ୨୦ଟି ଗ୍ରାମ ବାଲ୍ୟ ବିବାହ ମୁକ୍ତ ଘୋଷିତ

ବାରିପଦା,୨୦।୧୧ (ନି.ପ୍ର): ଆଜି ବିଶ୍ୱ ଶିଶୁ ଦିବସ ଅବସରରେ ଏକ ୱେବିନାର ମାଧ୍ୟମରେ ମୟୁରଭ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ୍ ଭରଦ୍ୱାଜ, ଆଇ.ଏ.ଏସ୍ ଗ୍ରାମବାସୀଙ୍କ ଦାବୀକୁ ଅନୁମୋଦନ କରି ୨୦ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରିଛନ୍ତି। ଏଥିରେ ବାଙ୍ଗିରିପୋଷି ବ୍ଲକ୍‌ର ୯ ଟି ଗ୍ରାମ, ବଡ଼ସାହି ଓ ତିରିଂ ବ୍ଲକ୍‌ର ୨ଟି ଏବଂ ବେତନଟି, ଜଶିପୁର, କପ୍ତିପଦା, ଶାମାଖୁଂଟା, ବିଶୋଇ, ମୋରଡା ଓ ଖୁଂଟା, ବ୍ଲକ୍‌ର ୧ଟି ଲେଖାଏଁ ଗ୍ରାମ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷିତ ହୋଇଛି। ଏହି ପ୍ରକ୍ରିୟାକୁ ଏକ ମିଶନ୍ ମୋଡ଼ରେ ଆଗେଇନେଇ ସମଗ୍ର ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ଭାବେ ପରିଣତ କରିବା ପାଇଁ ଜିଲ୍ଲା ପ୍ରଶାସନର ସବୁ ବିଭାଗ ତଥା ଜନ ସାଧାରଣଙ୍କ ମିଳିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଜଣାଇଛନ୍ତି। ଜିଲ୍ଲା ମଡ଼େଲ୍ ଗ୍ରାମ ସୃଷ୍ଟି କରି ବାଲ୍ୟ ବିବାହକୁ ବାରଣ କରିଥିବା କିଶୋର କିଶୋରୀ ମାନଙ୍କୁ ବିଭିନ୍ନ ଯୋଜନାରେ ଅର୍ନ୍ତଭୁକ୍ତ କରିବାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସହଯୋଗ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମୟୂରଭ, ପ୍ରକଳ୍ପ ନିର୍ଦ୍ଦେଶକ ଭବେଶ କୁମାର ନାୟକ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।




▶▶ପୃଷ୍ଠା ୭

# ସମ୍ପୂର୍ଣ୍ଣ ହେଲା ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶ

## ଶେଷ ଦିନରେ ମା'ମହାଲକ୍ଷ୍ମୀ ବେଶ

ଭଦ୍ରକ,୨୦।୧୧ (ନି.ପ୍ର): ଦେବୀ ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ଅନ୍ତିମ ଦିବସରେ ମା' ଭଦ୍ରକାଳୀ ଆଜି ମହାଲକ୍ଷ୍ମୀ ବେଶରେ ସଜ୍ଜିତ ହୋଇଥିଲେ। ମହାଲକ୍ଷ୍ମୀ ବେଶରେ ମା' ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରିଥିବା ବେଳେ ତା'ଙ୍କର ମୁଖ ମଣ୍ଡଳ ମଧ୍ୟ ହଳଦିଆ ଥିଲା। ପଦ୍ମାସନରେ ମା' ବିରାଜମାନ କରିଥିବା ବେଳେ ହସ୍ତୀ ଓ ପେଚା ମା'ଙ୍କର ବାହନ ଥିଲା। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତା ହୋଇ ଚତୁର୍ଦ୍ଧାମୂର୍ତ୍ତୀରେ ପ୍ରକଟ ହୋଇଥିଲେ ମା' ଭଦ୍ରକାଳୀ। ମା'ଙ୍କୁ ମହାଲକ୍ଷ୍ମୀ ବେଶରେ ଦର୍ଶନ କଲେ ଧନ, ଜନ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ସପ୍ତମାତୃକା ବେଶର ଅନ୍ତିମ ଦିନରେ ମା' ମହାଲକ୍ଷ୍ମୀ ବେଶରେ ପୂଜା ପାଇବା ପରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତୀ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଶେଷ ଦିବସରେ ପ୍ରାୟ ୧୫/୧୮ ହଜାର ଭକ୍ତ ମା'ଙ୍କ ପ୍ରସାଦ ସେବନ କରିଥାଆନ୍ତି। ମାତ୍ର ଚଳିତ ବର୍ଷ କୋବିଡ୍ ନିୟମାନୁଯାୟୀ ପର୍ବ ପାଳନ ହେଉଥିବାରୁ ସମ୍ପୂର୍ଣ୍ଣ ନିରାଡମ୍ବର ଭାବେ ଭକ୍ତଶୂନ୍ୟ ଭାବେ ସମସ୍ତ ରୀତିନୀତି ଅନୁଯାୟୀ ସପ୍ତମାତୃକା ବେଶ ସମ୍ପନ୍ନ ହୋଇଛି।



# ଚୌକି ବ୍ୟାଙ୍କ ଡକାୟତୀ ଘଟଣାରେ ପୁଲିସ୍ ସନ୍ଦେହରେ ଉଠାଇଲା ଜଣକୁ

ଜଳେଶ୍ୱର,୨୦।୧୧ (ନି.ପ୍ର): ୨୦ଦିନ ତଳେ ଭୋଗରାଇ ଥାନାର ଚୌକି ୟୁକୋ ବ୍ୟାଙ୍କ ଡକାୟତି ଘଟଣାରେ ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲାର ଜଳେଶ୍ୱର ଓ ଭୋଗରାଇ ପୋଲିସ୍‌ର ମିଳିତ ଚଢାଉରେ ଆଜି ଭୋର ଜଳେଶ୍ୱରର ଗୋବର୍ଦ୍ଧନ ପୁର ଗାଁରୁ ଜଣକୁ ସନ୍ଦେହରେ ଅଟକ ରଖିଛି । ଘଟଣାରୁ ପ୍ରକାଶ, ୩୦ ତାରିଖରେ ଚୌକୀ ବ୍ୟାଙ୍କ ଡକାୟତି ପରେ ପୋଲିସ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ମଧ୍ୟ କିଛି ସୁରାକ ପାଇପାରିନାହିଁ । ଆଜି ଜଳେଶ୍ୱର ଆଇଆଇସି ମାନସ କୁମାର ଦେଓ, ଭୋଗରାଇ ଆଇଆଇସି ସୁଜାତା ଖମାରୀ, ଜଳେଶ୍ୱର ଏଏସ୍‌ଆଇ ସତ୍ୟନାରାୟଣ ବଳ ଓ ଚନ୍ଦେନେଶ୍ୱର ଫାଣ୍ଡି ଅଧିକାରୀ ବିଶ୍ୱନାଥ କର ମିଳିତଭାବେ ଗୋବର୍ଦ୍ଧନପୁର ଗାଁର ଗୋବିନ୍ଦ ନାଥଙ୍କ ପୁଅ ବିଶ୍ୱଜିତ୍ ନାଥଙ୍କୁ ଉଠାଇ ଆଣିଛି । କଟକର ସୁଶାନ୍ତ ଧଳ ସାମନ୍ତଙ୍କ ସହିତ ବିଶ୍ୱଜିତ୍ ନାଥ ଅତୀତର ଏକ ଘଟଣାରେ ସ୍ୱୀକାର କରିଥିବା ବେଳେ କମର୍ଦ୍ଧା ଅଂଚଳର ଏକ ଛିନ୍‌ତାଇ ମାମଲାରେ ଜଡିତଥିବାର ପୁଲିସ୍ କହିଛି । ଏହା ବ୍ୟତିତ ୨୦୧୬ ମସିହାରେ କେସ୍‌ନଂ ୨୧୫, ୨୫୪ ମାମଲା ସହିତ ମୟୂରଭଂଜ ଜିଲାର ବେତନଟୀ, ବୈଶିଙ୍ଗା ଥାନା ଇଲାକାର କେତେକ ମାମଲାରେ ବିଶ୍ୱନାଥ ଜଡିତ ବୋଲି ପୁଲିସ୍ କହିଛି । ଚୌକି ବ୍ୟାଙ୍କ ସହିତ ଏହି ଯୁବକର ସଂପୃକ୍ତି ନେଇ ପୁଲିସ୍ ପଚରାଉଚରା କରୁଛି ।

# ରାୟଗଡ଼ାରେ ବେଆଇନ ବାଲି ଚାଲାଣକୁ ବିରୋଧ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ରାୟଗଡା ,୨୦।୧୧ (ନି.ପ୍ର): କିଛି ଦିନ ହେଲା ରାୟଗଡ଼ା ଜିଲ୍ଲାରେ ବାଲି ଚାଲାଣ ଏକ ପ୍ରମୁଖ ସମସ୍ୟା ହୋଇଯାଇଛି। ରାୟଗଡା ଜିଲ୍ଲାରେ ଯେଉଁ ୨ ଟି ପ୍ରମୁଖ ନଦୀ ପ୍ରବାହ ହେଉଚି ତାହା ହେଲା ବଂଶଧାରା ଓ ନାଗାବଳୀ । ଏହି ନଦୀ ଦୁଇଟି ରାୟଗଡା ଜିଲ୍ଲାର ଚାଷୀଙ୍କ ମୁଖ୍ୟ ଭରସା। ଗତ କିଛି ବର୍ଷ ଧରି ପଡୋଶୀ ଆନ୍ଧ୍ରପ୍ରଦେଶର ବାଲି ମାଫିଆଙ୍କ ନଜର ପଡିଛି ଏହି ଦୁଇ ନଦୀର ବାଲି ଉପରେ। ରାୟଗଡା ଠାରୁ ଓଡିଶା ଆନ୍ଧ୍ର ସୀମାନ୍ତ କେରେଡା ଦେଇ ନାଗବଳୀ ପ୍ରବାହିତ ହେଉଛି। ଏହି ନଦୀରୁ ସରକାର ବା ତହସିଲଦାରଙ୍କ ନିୟମ ପ୍ରକାରେ କେତେ ପରିମାଣର ବାଲି ଲିଜ ଧାରୀ ଉଠାଇ ପାରିବ ଏବଂ କିପରି ବାଲି ଘାଟରୁ ବାଲି ବାହାର କରାଯିବ ତାହାର କିଛି ନୀୟମ ରହିଛି । ବାଲି ପଠାରୁ ବାଲି ଶ୍ରମିକଙ୍କ ଦ୍ୱାରା କାଢ଼ିବା ନିୟମ ରହିଛି, କିନ୍ତୁ ଆନ୍ଧ୍ରପ୍ରଦେଶରେ ବାଲିର ଟ୍ରକର ଦାମ ଓଡିଶା ଠାରୁ ୨୦ ଗୁଣ ଅଧିକ, ଏଣୁ ବାଲି ମାଫିଆ ମାନେ ପ୍ରଶାସନିକ ଅଧିକାରୀଙ୍କୁ ହାତ ବସାରି କରି ଜେସିବି ସାହଯ୍ୟ ରେ ବହୁ ପରିମାଣର ବାଲି ଖୋଳି ବାହାର କରି ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଛନ୍ତି । ଏହା ଦ୍ୱାରା ଗୋଟିଏ ପଟେ ଦିନକୁ ଦିନ ନଦୀ ମୁହାଣ ଖାଇବରେ ଲାଗିଛି, ଅନ୍ୟ ପଟେ ବର୍ଷ ହେଉନଥିବାରୁ ନଦୀରେ ପାଣିର ସ୍ରୋତ କମି ବରେ ଲିଗିଛି। ଏପରି ବାଲି ଚାଲାଣ ଯଦି ଆଉ କିଛି ଦିନ ଚାଲୁ ରହେ ତେବେ ଏହା ଜିଲ୍ଲା ପାଇଁ ବଡ଼ ବିପଦ ସଙ୍କେତ। ଏହାକୁ ଆଖି ଆଗରେ ରଖି ରାୟଗଡା ସହରର ବୁଦ୍ଧିଜୀବୀ, ନେତା ଓ ବିଭିନ ସଙ୍ଗଠନ ବାରମ୍ବାର ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କଲେ ମଧ ପ୍ରଶାସନ ବାଲି ମାଫିଆଙ୍କ ନିକଟରେ ବିକ୍ରି ହୋଇ ଯାଇଛନ୍ତି କି ବୋଲି ଆଜି ରାୟଗଡା ତହସିଲଦାରର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ବସିଥିବା ଦେଖିବାକୁ ମିଳିଛି। ପ୍ରଶାସନ ଏପରି ଚୋରା ବାଲି ଚାଲାଣ କୁ ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ରାୟଗଡା ବାସୀ ରାଜ ରାସ୍ତାକୁ ଓଲ୍‌ହାଇ ବେ ବୋଲି ରାୟଗଡା ଜିଲ୍ଲା କଂଗ୍ରେସ ଯୁବନେତା ଶ୍ରୀ ଭବାନୀ ଶଙ୍କର ଜେନା, ଆମ ଆଦମୀ ପାର୍ଟି ଜିଲ୍ଲା ପ୍ରମୁଖ ଶ୍ରୀ ଜନ୍ମଜୟ ସ୍ୱାଇଁ ଓ ବିଭିନ୍ନ ସଂଗଠନ ବିରୋଧ ସ୍ଲୋଗାନ ଦେଇ ଥିବା ଦେଖିବାକୁ ମିଳିଛି ।






# ଚଳିତ ବର୍ଷ କୋଭିଡ କଟକଣାରେ ପାଳନ ହେବ ଧାମନଗରର ପବିତ୍ର ଉର୍ସ ପର୍ବ

ଭଦ୍ରକ,୨୦।୧୧ (ନି.ପ୍ର): କରୋନା ମହାମାରୀ ପାଇଁ ରାଜ୍ୟର ସମସ୍ତ ପର୍ବପର୍ବାଣୀ କୋବଡି କଟକଣା ମଧ୍ୟରେ ସମ୍ପନ୍ନ ହେଉଅଛି। ଏହି ପରିପ୍ରେକ୍ଷୀରେ ଧାମନଗର ସ୍ଥିତ ପୀରବାବା ମୁଜାହିଦ୍ ମିଲତ ହବିବୁର ରହେମାନ ଖାନ୍‌ଙ୍କ ୪୧ତମ ଉର୍ସ ଉତ୍ସବ ମଧ୍ୟ କୋବିଡ୍ କଟକଣା ମଧ୍ୟରେ ସମ୍ପୂର୍ଣ୍ଣ ନିରାଡମ୍ବରରେ ପାଳନ ହେବ। ଆସନ୍ତା ଡିସେମ୍ବର ୨୧ ତାରିଖ ଅନୁଷ୍ଠିତ ହେବାକୁ ଥିବା ଏହି ଉର୍ସ ପର୍ବରେ ଚଦର ଶୋଭାଯାତ୍ରା, ଦୋକାନ ବଜାର ବସିବା, ଆଲୋକ ସଜ୍ଜା, ତୋରଣ ନିର୍ମାଣ ଆଦିରେ କଟକଣା ଜାରି କରାଯାଇଛି। ପୀରବାବା ଆସ୍ଥାନକୁ କେବଳ ୭ଜଣ ଶ୍ରଦ୍ଧାଳୁ ଯାଇ ରୀତି ନୀତି ଅନୁଯାୟୀ ପୂଜାପାଠ, ନମାଜ ଆଦି କାର୍ଯ୍ୟ ସମ୍ପନ୍ନ କରିବେ। ପ୍ରତିବର୍ଷ ଏହି ଉର୍ସ ପର୍ବରେ ରାଜ୍ୟ, ଦେଶ ତଥା ବାହାର ଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସି ପୀରବାବାଙ୍କ ଦର୍ଶନ କରିବା ସହିତ ଚାଦର ଚଢାଇ ଉତ୍ସବ ପାଳନ କରନ୍ତି। ଏଥି ନିମନ୍ତେ ୨/୩ ଦିନ ଧରି ଏଠାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ। ତେବେ ଚଳିତ ବର୍ଷ କରୋନା ପାଇଁ ସମସ୍ତ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରାଯାଇଛି। କୌଣସି ପ୍ରକାରର ଗହଳି ହୋଇ ପାରିବ ନାହିଁ। କୌଣସି ପରିସ୍ଥିତିରେ ଆସ୍ଥାନ ନିକଟରେ ୭ଜଣରୁ ଅଧିକ ଲୋକ ଏକତ୍ରିତ ହୋଇ ପାରିବେ ନାହିଁ। ଏହା ବ୍ୟତୀତ ମାଇକ୍ ବଜାଇବା ଉପରେ ମଧ କଟକଣା ଜାରି କରାଯାଇଛି। ଯେଉଁ ଭକ୍ତମାନେ ନମାଜ ପାଠ କରିବେ ସେମାନେ ନିଜ ନିଜ ଘରେ ରହି ନମାଜ ପାଠ କରିବାକୁ ଆଜି ଅନୁଷ୍ଠିତ ଉର୍ସ ପ୍ରସ୍ତୁତି ବୈଠକରେ କୁହାଯାଇଛି। ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ବୈଠକରେ ଧାମନଗର ଉର୍ସ କମିଟିର ସଦସ୍ୟମାନେ ଯୋଗ ଦେଇ ଉର୍ସ ପର୍ବ ପାଳନ ନେଇ ସବିଶେଷ ଆଲୋଚନା କରିଥିଲେ। ଭକ୍ତମାନେ ଘରେ ରହି ପୀରବାବାଙ୍କୁ ଅନ୍ ଲାଇନ ମାଧ୍ୟମରେ କିପରି ଦର୍ଶନ କରି ପାରିବେ ସେ ନେଇ କମିଟି ପକ୍ଷରୁ ବନ୍ଦୋବସ୍ତ କରାଯିବାକୁ କୁହାଯାଇଛି। ସମସ୍ତ କାର୍ଯ୍ୟକ୍ରମ ଯେପରି କୋବିଡ୍ କଟକଣା ମଧ୍ୟରେ ପାଳନ ହୁଏ ସେଥିପ୍ରତି ଉର୍ସ କମିଟି ଧ୍ୟାନ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଏସପି ବିକାଶ ଦାଶ, ଉର୍ସ କମିଟିର ସଦସ୍ୟ, ଅନ୍ୟାନ୍ୟ ପୁଲିସ ଅଧିକାରୀ, ଧାମନଗର ତହସିଲଦାର, ଧାମନଗର ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo